## ସୁନା ଦୋକାନରେ ଜିଏସ୍‌ଟି ଚଢ଼ାଉ

**ରାଉରକେଲା ଅଫିସ:** ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ଆନନ୍ଦଭବନ ଲେନ୍ ଅଞ୍ଚଳରେ ଥିବା ନିର୍ମଳଜୀ ଜୁଏଲର୍ସରେ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଉକ୍ତ ଦୋକାନୀ ବହୁ ଦିନରୁ ଜିଏସ୍‌ଟି ପୈଠ କରୁ ନ ଥିବା ଓ କିଣାବିକା କରୁଥିବା ଗହଣାର କାଗଜପତ୍ର ଠିକ୍ ନ ଥିବା ସୂଚନା ପାଇବା ପରେ ଜିଏସ୍‌ଟି ଅଧିକାରୀ ଶୁକ୍ରବାର ରାତିରେ ଉକ୍ତ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ୩ କିଲୋ ସୁନା ସହ ୮୦ କିଲୋ ରୂପା ବିକ୍ରିର ଦଲିଲ ନ ଥିବା ଜଣାପଡିଥିଲା। ତେଣୁ ସମ୍ପୃକ୍ତ ଦୋକାନୀଙ୍କ ଉପରେ ୨୫ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଜଣାପଡିଛି।

# ୧୫ରୁ ଖରିଫ୍ ଧାନକିଣା ଆରମ୍ଭ

**ସୁନ୍ଦରଗଡ,୨୭।୧୧(ଡି.ଏନ୍.ଏ)**

ସୁନ୍ଦରଗଡ ଜିଲାରେ ଡିସେମ୍ବର ୧୫ରୁ ଖରିଫ ଧାନକିଣା ପ୍ରକ୍ରିୟା ଆରମ୍ଭ ହେବ। ୨ଟି ପର୍ଯ୍ୟାୟରେ ଚାଷୀଙ୍କ ଠାରୁ ଧାନ କିଣା ପାଇଁ ନିଷ୍ପତ୍ତି ହୋଇଛି। ଏ ନେଇ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଜିଲାସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ସ୍ଥିର ହୋଇଛି। ବୈଠକର ନିଷ୍ପତ୍ତି ଅନୁଯାୟୀ, ୧୫ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଜିଲାର ୮ଟି ବ୍ଲକ ଓ ୨୦ତାରିଖରେ ଦ୍ୱିତୀୟ ପର୍ଯ୍ୟାୟରେ ୯ଟି ବ୍ଲକରେ ଧାନସଂଗ୍ରହ କରାଯିବ। ପ୍ରଥମ ପର୍ଯ୍ୟାୟରେ ସୁନ୍ଦରଗଡ, ଟାଙ୍ଗରପାଲି, ଲେଫ୍ରିପଡା, ବାଲିଶଙ୍କରା, ବଣାଇଁ, ଲହୁଣୀପଡା, କୋଇଡା, ଗୁରୁଣ୍ଡିଆ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ କୁତ୍ରା, ରାଜଗାଙ୍ଗପୁର, ହେମଗିର, ବଡଗାଁ, ସବଡେଗା, ବିଶ୍ରା, କୁଆଁରମୁଣ୍ଡା, ନୂଆଁଗାଁ, ଲାଠିକଟା ବ୍ଲକରେ ଚାଷୀଙ୍କ ଠାରୁ ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟ ଅନୁସାରେ ଧାନ କ୍ରୟ କରାଯିବ। ମୋଟ ୪୭ଟି ଲ୍ୟାମ୍ପ୍‌ସ, ୨ଟି ଏମ୍‌ପିସିଏସ୍ ଓ ଗୋଟିଏ ଆରସିଏମ୍‌ଏସ୍ ଜରିଆରେ ଧାନକିଣା ଯିବା ପାଇଁ ସ୍ଥିର ହୋଇଛି। ପ୍ରଥମ କରି ଜିଲାରେ ୮ଟି ଏସ୍‌ଏଚ୍‌ଜିକୁ ଧାନ କ୍ରୟ ପାଇଁ ଅନୁମତି ଦିଆଯାଇଛି। ଏଥିପାଇଁ ମୋଟ ୧୩୫ଟି ମଣ୍ଡି ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ଧାର୍ଯ୍ୟଲକ୍ଷ୍ୟ ଠାରୁ ୮୦ପ୍ରତିଶତ ଧାନ ସଂଗ୍ରହ ପାଇଁ ଟାର୍ଗେଟ ଦିଆଯାଇଛି। ମଣ୍ଡିରେ ଧାନ ବିକ୍ରି କରିବାର ୨୪ରୁ ୪୮ଘଣ୍ଟା ମଧ୍ୟରେ ପଞ୍ଜୀକୃତ ଚାଷୀମାନଙ୍କ ଆକାଉଣ୍ଟକୁ ଅନ୍‌ଲାଇନ ମାଧ୍ୟମରେ ଧାନର ମୂଲ୍ୟ ପଇଠ ନିମନ୍ତେ ନିଷ୍ପତ୍ତି ହୋଇଛି । ମଣ୍ଡିରେ ଚାଷୀମାନେ ଧାନ ବିକ୍ରି ପାଇଁ ଯେଭଳି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ଜିଲାରେ ୧୮ଲକ୍ଷ ୩୬ହଜାର ୯୪୧କୁଇଣ୍ଟାଲ ମେଟ୍ରିକ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେଥିମଧ୍ୟରୁ ୧ଲକ୍ଷ ୨୪ହଜାର ୩୦୦ କୁଇଣ୍ଟାଲ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି। ଧାନ ସଂଗ୍ରହ ପ୍ରକ୍ରିୟାରେ ସୁନ୍ଦରଗଡ଼ ଜିଲାର ୧୫ଟି ମିଲର୍ସ ଅଂଶଗ୍ରହଣ କରୁଥିବା ବେଳେ ଅନ୍ୟ ଜିଲାର ୧୦ଟି ମିଲର୍ସକୁ ଧାନ ସଂଗ୍ରହ ପାଇଁ ଅନୁମତି ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ମିଲର୍ସ ମାନେ ପ୍ରଥମେ ଚାଷୀମାନଙ୍କୁ ଆବଶ୍ୟକ ଖାଲି ବସ୍ତା ଯୋଗାଇ ଦେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଏମ୍‌ପି ଜୁଏଲ ଓରାମ, ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ଯୋଗାଣ ଅଧିକାରୀ ମଙ୍ଗରାଜଙ୍କ ସମେତ ଚାଷୀ ପ୍ରତିନିଧି ଯୋଗ ଦେଇଥିଲେ।



ଧାନ ସଂଗ୍ରହ କମିଟି ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ସ୍ତ୍ରୀକୁ ଆକ୍ରମଣ କରି ଗିରଫ

**ରାଉରକେଲା ଅଫିସ,୨୭।୧୧:** ସ୍ତ୍ରୀକୁ ଆକ୍ରମଣ କରିବା ଅଭିଯୋଗରେ ରାଉରକେଲା ସେକ୍ଟର-୭ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିରେନ୍ଦ୍ର ମେହେର(୩୮)। ପୋଲିସ ଏ ନେଇ ଏକ ମାମଲା (ନଂ.୮୬।୨୧) ରୁଜୁ କରି ତାଙ୍କୁ ଶନିବାର କୋର୍ଟଚାଲାଣ କରିଛି। ପୋଲିସ ସୂଚନା ଅନୁସାରେ, ସେକ୍ଟର-୭ ବି/୧୫ରେ ବିରେନ୍ଦ୍ର ସପରିବାର ରୁହନ୍ତି। ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ଉକ୍ତ ଦମ୍ପତିଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବିରେନ୍ଦ୍ର ରାଗିଯାଇ ଏକ କାଠଫାଳିଆରେ ଗୌରୀଙ୍କୁ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା।

### କୁତ୍ରା ମହିଳା ବିଜେଡିର କର୍ମୀ ସମ୍ମିଳନୀ

**କୁତ୍ରା,୨୭।୧୧(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘନା ଆମ୍ବବଗିଚାରେ ମହିଳା ବିଜେଡି ପକ୍ଷରୁ ଶନିବାର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ମାନଙ୍କ ବିକାଶ ଦିଗରେ ଆଲୋଚନା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଦୁର୍ଗାସାମନ୍ତ ରାୟ, ଜିଲା ସଭାପତି ରଞ୍ଜନା ପଣ୍ଡା, ବ୍ଲକ ସଭାପତି କମଳା କୁଜୁର, ବ୍ଲକ ସଭାପତି ପ୍ରସନ୍ନ ବାଗ, ରଜନୀ କୁଲୁ, ଦେବାନନ୍ଦ ଲାକଡା, ପିତାମ୍ବର ଜୟପୁରିଆ, ସୁନ୍ଦରୀ ଟପ୍ପୋ,ମହମ୍ମଦ ସାନୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

### ଫେରାର ଅଭିଯୁକ୍ତ ଗିରଫ

**ଲହୁଣୀପଡ଼ା,୨୭।୧୧(ଡି.ଏନ.ଏ):** ଜଣେ ନାବାଳିକାଙ୍କ ଅଶ୍ଳୀଳ ଫଟୋ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଫେରାର ଥିବା ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଶଙ୍ଖପୋଷ ପଞ୍ଚାୟତ ଲମସି ଗ୍ରାମର ଗନ୍ନାଥ ମାହାନ୍ତ(୨୩)। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ଲହୁଣୀପଡା ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଭିଏସ୍‌ଏସ୍ ସଦସ୍ୟଙ୍କ ତାଲିମ ଶିବିର

**ଝାରସୁଗୁଡ଼ା ଅଫିସ,୨୭।୧୧:** ଝାରସୁଗୁଡା ଜିଲା ବାଗଡ଼ିହି ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଶନିବାର ବନ ସୁରକ୍ଷା ସମିତି (ଭିଏସ୍‌ଏସଥ) ସଦସ୍ୟଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବନଖଣ୍ଡ ଏସିଏଫ୍ ସୁସ୍ମିତା ସାହୁ ମୁଖ୍ୟଅତିଥି ଓ ରାଘବ ରଞ୍ଜନ ଦାଶ, ଜଗଦୀଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବାଗଡ଼ିହି ରେଞ୍ଜ ଅଧୀନରେ ଥିବା ୨୦ ବନ ସୁରକ୍ଷା ସମିତିର ସଭାପତି, ସମ୍ପାଦକ, କୋଷାଧକ୍ଷଙ୍କ ସମେତ ମୋଟ ୧୦୦ ଜଣ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଅନଗ୍ରସର ବ୍ୟକ୍ତିଙ୍କ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଦେଇଥିବା ଆବର୍ତ୍ତନ ପାଣ୍ଠିର ସୁପରିଚାଳନା, କାର୍ଯ୍ୟକାରିତା ଉପରେ ବିଭାଗୀୟ ଅଧିକାରୀ ବୁଝାଇଥିଲେ। ରେଞ୍ଜ ଅଫିସର ବ୍ରଜମୋହନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଜିଲା ଜୁଡ଼ୋ ହଲରେ ବ୍ରୁସ୍‌ଲି ଜୟନ୍ତୀ

**ସମ୍ବଲପୁର,୨୭।୧୧(ବ୍ୟୁରୋ):** ଆଧୁନିକ ମାର୍ଶଲ ଆର୍ଟର ଜନକ ବ୍ରୁସଲିଙ୍କ ୮୧ତମ ଜୟନ୍ତୀ ଶନିବାର ସମ୍ବଲପୁର ଜିଲା ଜୁଡୋ ହଲଠାରେ ପାଳିତ ହୋଇଯାଇଛି। ସାଓଲିନ କୁଂଫୁ ଉସୁ ଆସୋସିଏଶନ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀମାନେ ସାମିଲ ହୋଇ ବ୍ରୁସଲିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ବେହେରା ବ୍ରୁସଲିଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ୱାଗତ କୁମାର ଘଡାଇ, ବିଜୟା ଗୁରୁଙ୍ଗ, ଦିବ୍ୟଲକ୍ଷ୍ମୀ ମାଝି, ଈଶାନ କୁମାର ପ୍ରଧାନ, ଦୀପେଶ ଦାଶ, ଦମନ୍ନା ଗୋପେ, ସ୍ନିଗ୍ଧାରାଣୀ ଭାଜି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

### ପରିବହନ ମନ୍ତ୍ରୀଙ୍କୁ ଅଣ୍ଡା ମାଡ଼, ୨ ଅଟକ

**ଉଲୁଣ୍ଡା,୨୭।୧୧(ଡି.ଏନ.ଏ.):** ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ସିଣ୍ଡୋଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ବଣ୍ଟନ କାର୍ଯ୍ୟକ୍ରମ ସମାପ୍ତ କରି ଚଢାଇପଙ୍କ ଅଭିମୁଖେ ଯାଉଥିଲେ। ଏହି ସମୟରେ ନାରାୟଣଡିକ୍ରା ଗାଁ ନିକଟରେ ୨ ଜଣ ଯୁବକ ତାଙ୍କ ଗାଡି ଉପରକୁ ଅଣ୍ଡା ମାଡ କରିବାରୁ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଦୁଇ ଜଣ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ।

## ରୋଗୀଙ୍କୁ ଫଳ, ଶୀତବସ୍ତ୍ର ବଣ୍ଟନ


ଅତିଥିମାନେ ରୋଗୀଙ୍କୁ ଶୀତବସ୍ତ୍ର ବଣ୍ଟନ କରୁଛନ୍ତି।

**ଲହୁଣୀପଡ଼ା,୨୭।୧୧(ଡି.ଏନ.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଶନିବାର ଉତ୍କଳ ସାମ୍ବାଦିକ ସଂଘ ଲହୁଣୀପଡ଼ା ଖାଖା ତରଫରୁ ଫଳ ଓ ଶୀତବସ୍ତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଡା. ଅବନୀନ୍ଦ୍ର ମିଶ୍ର, ଡା. ମନୋଜ କୁମାର ସିଂ, ଡା. ଚିନ୍ମୟ କୁମାର ସାହୁ, ଡା. କୁମୁଦ ବନ୍ଧୁ ପତି ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ବିଭୂତି ଭୂଷଣ କର ପ୍ରାରମ୍ଭିକ ସୂଚନା ଦେଇଥିଲେ। କୁମାର ଗୌତମ ବାରିକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଜିତ କୁମାର ମହାପାତ୍ର, ଦାଶରଥି ପଣ୍ଡା, ଧୀରେନ ମାହାନ୍ତ, ମନୋରଞ୍ଜନ ମାହାନ୍ତ, ଉମେଶ ସାହୁ, ଝସକେତନ ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାନନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଯୁକ୍ତଙ୍କୁ ୬ ବର୍ଷ କାରାଦଣ୍ଡାଦେଶ

**ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲା**

**ସୁନ୍ଦରଗଡ,୨୭।୧୧(ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ପକ୍‌ସୋ କୋର୍ଟରେ ପ୍ରିଜାଇଡିଂ ଅଫିସର ପାର୍ଥସାରଥୀ ପଟ୍ଟନାୟକ ଏହି ମାମଲାରେ ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ଓକିଲଙ୍କ ଯୁକ୍ତିକୁ ଆଧାର କରି ଅଭିଯୁକ୍ତ ଅନିଲ କୁମାର ମହାନ୍ତ (୨୫)ଙ୍କୁ ୬ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଏବଂ ଜରିମାନା ଅନାଦାୟ ହେଲେ ଅଧିକ ୧ବର୍ଷ ଜେଲ ଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି। ଏତଦ୍‌ବ୍ୟତୀତ ପୀଡିତାଙ୍କୁ ଜିଲା ଆଇନସେବା ପ୍ରାଧିକରଣ ଜରିଆରେ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ କରିବା ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ୨୦୧୫ ସେପ୍ଟେମ୍ବର ୨୨ ତାରିଖ ଅପରାହ୍ନ ପ୍ରାୟ ୪ଟା ବେଳେ ଉକ୍ତ ଭିନ୍ନକ୍ଷମ ନାବାଳିକା ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ମା’ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତ ସେଠାରୁ ପଳାଇଥିଲେ। ଏ ସମ୍ପର୍କରେ ପୀଡିତାଙ୍କ ବାପା ଲହୁଣୀପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଦାୟିତ୍ୱବାନ୍ ନାଗରିକ ହେବାକୁ ପରାମର୍ଶ

**ସରବତୀ ଦେବୀ ମହିଳା କଲେଜରେ ସମ୍ବିଧାନ ଦିବସ**

**ରାଜଗାଙ୍ଗପୁର,୨୭।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସ୍ଥିତ ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସଭାକାର୍ଯ୍ୟ ଅଧ୍ୟାପିକା ସାରିକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ ଚୌଧୁରୀ, ବିଭାଗୀୟ ମୁଖ୍ୟ ଡା. କୌଶଲ୍ୟା ଅଗ୍ରୱାଲ, ଅଧ୍ୟାପିକା ବିକାଶ ଲତା ସରେଙ୍ଗ, କଲେଜର ଉପାଧ୍ୟକ୍ଷ, ଅଧ୍ୟାପିକା, ଏନ୍‌ସିସି କ୍ୟାଡେଟ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପିକା ବିକାଶ ଲତା ସରେଙ୍ଗ ନିଜ ବକ୍ତବ୍ୟରେ ରାଷ୍ଟ୍ର ପ୍ରଦତ୍ତ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ବିଶ୍ଳେଷଣ କରି ଦେଶର ଦାୟିତ୍ୱବାନ୍ ନାଗରିକ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଗ୍ରୱାଲ ସମ୍ବିଧାନର ମୁଖ୍ୟ ପ୍ରସ୍ତାବନା ଉପରେ ବକ୍ତବ୍ୟ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚୌଧୁରୀ ଅନ୍ଧବିଶ୍ୱାସ ଓ ସଙ୍କୀର୍ଣ୍ଣ ମନୋଭାବରୁ ମୁକ୍ତ ହେଲେ ବ୍ୟକ୍ତିଗତ ବିକାଶ ଓ ଦେଶର ଉନ୍ନତି ହୋଇପାରିବ ବୋଲି ମତ ରଖିଥିଲେ। ଛାତ୍ରୀ ନନ୍ଦିନୀ ମୁଣ୍ଡା, ଟିନା ମିତ୍ତଲ, ଆରତି ବଡାଇକ, ମିନାକ୍ଷୀ ବର୍ମା ପ୍ରମୁଖ ଭାରତୀୟ ସମ୍ବିଧାନ ଉପରେ ଉଦ୍‌ବୋଧନ ଦେଇଥିଲେ।


ସମ୍ବିଧାନ ଦିବସ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

## ସମ୍ବିଧାନ ଗୌରବ ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଦେବଗଡ଼, ୨୭।୧୧(ଡି.ଏନ.ଏ.)**

ଦେବଗଡ଼ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଗୋପାଳଜୀ କଲ୍ୟାଣ ମଣ୍ଡପରେ ସମ୍ବିଧାନ ଗୌରବ ଦିବସ ପାଳିତ ହୋଇଯାଇଛି । ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ଅଧ୍ୟାପକ ଜିତେନ୍ଦ୍ରିୟ ପ୍ରଧାନ, ସମ୍ମାନିତ ଅତିଥି ପୂର୍ବତନ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ନଗର ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ଏମ୍‌ପି ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ। ଅତିଥିମାନେ ଅବସରରେ ସମ୍ବିଧାନ ପ୍ରଣେତା ଡକ୍ଟର ଭୀମରାଓ ଆମ୍ବେଡକରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଜିଲା ଭାଜପା ଅନୁସୂଚିତ ଜାତିର ବହୁ କାର୍ଯ୍ୟକର୍ତ୍ତା ପ୍ରଧାନପାଟସ୍ଥିତ ଶିଶୁ ଉଦ୍ୟାନ ନିକଟରୁ ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ସଭାସ୍ଥଳୀରେ ପହଞ୍ଚି ଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯଯାତି ବିଶ୍ୱାଳ, ମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବାନନ୍ଦ ନାୟକ, ଏସସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁରୁ ପାତ୍ର, ରାଜେଶ ପାତ୍ର, ଶତ୍ରୁଘ୍ନ ପାତ୍ର, ଶିବା ମୁଖି, ଗୁରୁ ଚରଣ ପାତ୍ର, ଧରଣୀଧର ପାତ୍ରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

## ବାଇକ୍ ଦୁର୍ଘଟଣା, ଯୁବକଙ୍କ ମୃତ୍ୟୁ

**ରେଢାଖୋଲ,୨୭।୧୧ (ଡି.ଏନ.ଏ.)**

ରେଢାଖୋଲ-ବୌଦ୍ଧ ରାସ୍ତାର ପଣ୍ଡକିମାଳ ଗ୍ରାମ ନିକଟରେ ଶୁକ୍ରବାର ରାତି ପ୍ରାୟ ୧୦ଟାବେଳେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେଢାଖୋଲ ସହର ଖନ୍ଦାଡିପ ସାହିର ଦେବାଶିଷ ନାୟକ (୩୦)। ଏହି ଦୁର୍ଘଟଣାରେ ବିକାଶ ସାମଲ (୨୯) ଗୁରୁତର ହୋଇଛନ୍ତି। ତାଙ୍କୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦେବାଶିଷଙ୍କ ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି। ଦୁଇ ସାଙ୍ଗ ଦେବାଶିଷ ଓ ବିକାଶ ବାଇକ୍ (ଓଆର୍୧୫ଏମ୍ ୬୫୫୫) ଯୋଗେ ବୌଦ୍ଧରୁ ରେଢାଖୋଲ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଦେବାଶିଷଙ୍କ ମୃତ୍ୟୁ ହୋଇଥିବା ବେଳେ ବିକାଶ ଗୁରୁତର ହୋଇ ପଡିରହିଥିଲେ। ଜଣେ ଡାକ୍ତରଙ୍କଠାରୁ ଖବର ପାଇ ୧୦୮ ଆମ୍ବୁଲାନ୍ସ ପହଞ୍ଚି ତାଙ୍କୁ ବୁର୍ଲା ନେଇଥିଲା। ପୋଲିସ ବାଇକ୍ ଜବତ କରି ଥାନାରେ ଏକ ମାମଲା ରୁଜୁ କରିଛି।

## ରୂପାନ୍ତରିତ ସ୍କୁଲ ଲୋକାର୍ପିତ

**କୁଚିଣ୍ଡା,୨୭।୧୧(ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡର ବାମରା ଓ କୁଚିଣ୍ଡା ବ୍ଲକର କୁଚିଣ୍ଡା, ଜରାବଗା, କେଶାଇବାହାଲ ଓ କୁଟୁରାଛୁଆଁ ରୂପାନ୍ତରିତ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନୀୟ ବିଧାୟକ କିଶୋର ଚନ୍ଦ୍ର ନାୟକଙ୍କ ଦାରା ଲୋକାର୍ପିତ ହୋଇଯାଇଛି। ଶୁକ୍ରବାର କୁଚିଣ୍ଡା ସ୍କୁଲ ପରିସରରେ ଆୟୋଜିତ ଉତ୍ସବରେ ବିଧାୟକ ନାୟକଙ୍କ ସମେତ ସ୍ଥାନୀୟ ବିଡିଓ ନିରଞ୍ଜନ ସା, ଶିକ୍ଷାବିତ୍ ସୁବାସ ଚନ୍ଦ୍ର ନାୟକ, ପୁରାତନ ଛାତ୍ର ସଂଘ ସଭାପତି ଡାକ୍ତର ଶରତ ଚନ୍ଦ୍ର ଗୌନ୍ତିଆ, ବିଇଓ ଉର୍ଷ ପ୍ରଧାନ ଓ ଅତିରିକ୍ତ ବିଡିଓ ଶେଷଦେବ ନନ୍ଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ରଞ୍ଜିତ ନାୟକ ପ୍ରାରମ୍ଭିକ ସୂଚନା ଓ କ୍ରୀଡା ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ମହିଳା ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧନା

**ପଡିଆବାହାଲ,୨୭।୧୧(ଡି.ଏନ.ଏ.)**

ଜୈବସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକ ଘେନୁପାଲି ପଞ୍ଚାୟତ ଠାକୁରମାଲ ଗ୍ରାମର ସଙ୍ଗଜିନୀ ପ୍ରଧାନ ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ପୁରସ୍କୃତ ହେବା ପରେ ଶନିବାର ଠାକୁରମାଲଠାରେ ଘେନୁପାଲି ସରପଞ୍ଚ ସାବିତ୍ରୀ ମିର୍ଦ୍ଧା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବାସନ୍ତୀ ପ୍ରଧାନ, କ୍ଷୀରୋଦ ଚନ୍ଦ୍ର ସାହୁ, ଗୌତମ ପ୍ରଧାନ, ଗୌରଚନ୍ଦ୍ର ପ୍ରଧାନ, କଳ୍ପନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ସଙ୍ଗଜିନୀ ନିମ୍ବ, କରଞ୍ଜ, ଗୋମୂତ୍ର, ଗୁଡ଼ ପ୍ରଭୃତି ସାମଗ୍ରୀରେ ଜୈବସାର ପ୍ରସ୍ତୁତ କରି ଉତ୍କର୍ଷତା ପ୍ରତିପାଦିତ କରିଛନ୍ତି।

## ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ



ମହେଶଡିହି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**ସୁନ୍ଦରଗଡ଼, ୨୭।୧୧(ଡି.ଏନ୍.ଏ)**

ସୁନ୍ଦରଗଡ଼ ପୌରପାଳିକାର ମହେଶଡିହିଠାରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ୟୁପିଏଚ୍‌ସି)ଲୋକାର୍ପିତ ହୋଇଛି। ଶୁକ୍ରବାର ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟ ଭଳି ଏଠାରେ ମଧ୍ୟ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଉପଲବ୍ଧ ରହିଛି ବୋଲି ବିଧାୟିକା ଟେଟେ ପ୍ରକାଶ କରିଥିଲେ। ସୁନ୍ଦରଗଡ଼ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଲୋକମାନେ ଏବେ ପ୍ରାୟ ୨୦ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ପାଇପାରିବେ। ଏହାସହ ସପ୍ତାହରେ ଗୋଟିଏ ଦିନ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ ଓ ଭେଷଜ ବିଶେଷଜ୍ଞ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହି ଆବଶ୍ୟକ ଚିକିତ୍ସା ସେବା ପ୍ରଦାନ କରିବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମିଶ୍ର କହିଛନ୍ତି। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବର୍ତ୍ତମାନ ୧୦ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏବେ ସୁନ୍ଦରଗଡ଼ ପୌରପାଳିକା ଅଞ୍ଚଳରେ ଗୋଟିଏ ୟୁପିଏଚ୍‌ସି ଖୋଲିଲା। ଖୁବଶୀଘ୍ର ଜିଲାର ରାଜଗାଙ୍ଗପୁର ଏବଂ ବୀରମିତ୍ରପୁର ପୌରପାଳିକାରେ ଗୋଟିଏ ଲେଖାଏଁ ୟୁପିଏଚ୍‌ସି ଖୋଲାଯିବ ବୋଲି ସିଡିଏମ୍‌ଓ ମିଶ୍ର କହିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କାହ୍ନୁ ଚରଣ ନାଏକ, ଜିଲା ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଏବଂ ଆଶା କର୍ମୀ ଉପସ୍ଥିତ ଥିଲେ।

## ଜିଲା ଉପକାରାଗାରରେ ସ୍ୱତନ୍ତ୍ର ଅଦାଲତ

**ଝାରସୁଗୁଡ଼ା ଅଫିସ,୨୭।୧୧**

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ତଥା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ଶନିବାର ଜିଲା ଉପକାରାଗାରରେ ସ୍ୱତନ୍ତ୍ର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଦୌରାଜଜ୍ (ପୋକ୍ସୋ) ମଦନଲାଲ କେଡିଆଙ୍କ ଆଦେଶକ୍ରମେ ଏହି କାର୍ଯ୍ୟକ୍ରମ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଦୀପ କୁମାର ସାମଲ ତତ୍ତ୍ୱାବଧାନରେ ହୋଇଥିଲା । ଏହାକୁ ଜିଲା ଆଇନ୍‌ସେବା ପ୍ରାଧିକରଣ ସଚିବ ହର ପ୍ରସାଦ ପାଢୀ ପରିଚାଳନା କରିଥିଲେ। ଏଥିରେ ଉପଖଣ୍ଡ ସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ଦିବ୍ୟସାଚୀ ବେହେରା ୩ଗୋଟି ଫୌଜଦାରି ମାମଲାର ଆପୋସ ବୁଝାମଣା ମାଧ୍ୟମରେ ସମାଧାନ କରିଥିଲେ। ମାଜିଷ୍ଟ୍ରେଟ୍ ତନ୍ମୟ ରଞ୍ଜନ ଦାସ ଓ ସିଭିଲ୍ ନ୍ୟାୟାଧିଶ ପ୍ରିୟଙ୍କା ପ୍ରିୟଦର୍ଶିନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଉପକାରାଗାରରେ ସ୍ୱତନ୍ତ୍ର ଅଦାଲତ।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ୬ଦଫା ଦାବିପତ୍ର

**ଝାରସୁଗୁଡ଼ା ଅଫିସ,୨୭।୧୧**

ସମ୍ବିଧାନ ଦିବସ ଅବସରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଝାରସୁଗୁଡା ଜିଲାପରିଷଦ ଓ ଅଖିଳ ଭାରତ କୃଷକ ସଭା ତରଫରୁ ୬ଦଫା ଦାବିନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। କୃଷକଙ୍କ ସବୁ ଫସଲର ସହାୟକ ଦର, ବିଦ୍ୟୁତ ବିଲ୍ ୨୦୨୦କୁ ପ୍ରତ୍ୟାହର, ମରୁଡି ପାଇଁ ଫସଲର କ୍ଷତିପୂରଣ, ଭାଗଚାଷୀଙ୍କୁ ଚାଷୀ ମାନ୍ୟତା ଆଦି ଦାବି ରହିଛି। ଆନ୍ଦୋଳନରେ କମ୍ୟୁନିଷ୍ଟ ପାର୍ଟି ଜିଲା କର୍ମକର୍ତ୍ତା ସାରଙ୍ଗଧର ମିଶ୍ର, ଅନିତ ଚକ୍ରବର୍ତ୍ତୀ, ରମେଶ ତ୍ରିପାଠୀ, ରମାକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

## କଲେଜରେ ସାମୂହିକ ଶପଥପାଠ

ନାକଟିଦେଉଳ,(ଡ଼ି.ଏନ.ଏ.): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ସମ୍ବିଧାନର ମୁଖବନ୍ଧକୁ ସମ୍ମାନ ଜଣାଇବା ପାଇଁ ସାମୂହିକ ଶପଥ ପାଠ କରାଯାଇଥିଲା। ଅଧାପକ ଦେବେଶ କୁମାର ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇ ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧାପିକା ପୁଷ୍ପାଞ୍ଜଳି ରଉଣା ଶେଷରେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧାପକ/ଅଧାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦ୍ୱିତୀୟ ଦିନରେ ଆୟକର ଚଢ଼ାଉ

ଝାରସୁଗୁଡ଼ା ଅଫିସ,୨୭।୧୧: ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରରେ ଥିବା ଶ୍ରୀ ବାଲାଜୀ ଇଞ୍ଜିକନ୍ସ ଲିଃ ନାମକ ଠିକାସଂସ୍ଥା କାର୍ଯ୍ୟାଳୟରେ ଆୟକର ବିଭାଗର ଚଢ଼ାଉ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଏଥିରେ ଆୟକର ବିଭାଗର ୬୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଛନ୍ତି। ଠିକାସଂସ୍ଥା କାର୍ଯ୍ୟାଳୟରେ ସକାଳ ୭ଟାରୁ ରାତି ୭ଟା ପର୍ଯ୍ୟନ୍ତ କାଗଜପତ୍ର ଯାଞ୍ଚ ଚାଲିଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ଠିକାସଂସ୍ଥା କାର୍ଯ୍ୟାଳୟକୁ ଜଗି ରହିଛି। ହେଲେ ଚଢ଼ାଉ ସମ୍ପର୍କରେ ଗଣମାଧ୍ୟମକୁ ସବିଶେଷ ତଥ୍ୟ ମିଳିପାରୁନାହିଁ। ଏହି ଚଢ଼ାଉ ଆଉ ଗୋଟିଏ ଦିନ ହେବ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡିଛି। ଆୟକର ବିଭାଗ ଏଭଳି ଦୀର୍ଘସମୟ ଚଢ଼ାଉକୁ ନେଇ ଜିଲାରେ ଜୋର ଚର୍ଚ୍ଚା ଚାଲିଛି। ଫଳରେ ଠିକାସଂସ୍ଥା ଓ ବ୍ୟବସାୟୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି।

### ରେଙ୍ଗାଲି ଷ୍ଟେଶନରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ

ରେଙ୍ଗାଲି,୨୭।୧୧(ଡି.ଏନ.ଏ.): ପୂର୍ବତଟ ରେଳପଥ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ଶୁକ୍ରବାର ରେଙ୍ଗାଲି ରେଳ ଷ୍ଟେଶନରେ ମିଳିତ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କରାଯାଇଛି। ଏଥିରେ ଏନ୍‌ଡିଆର୍‌ଏଫ୍, ଓଡ଼ିଶା ବିପର୍ଯ୍ୟୟ ରାପିଡ ଆକ୍ସନ ଫୋର୍ସ, ସ୍ଥାନୀୟ ପ୍ରଶାସନ, ରାଜ୍ୟ ଅଗ୍ନିଶମ ସେବା, ରାଜ୍ୟ ସ୍ୱାସ୍ଥ୍ୟ ସେବା, ରେଳ ସ୍କାଉଟ୍ସ ଆଣ୍ଡ ଗାଇଡ ଅଂଶଗ୍ରହଣ କରିଥିଲେ। ଅଭ୍ୟାସ ସମୟରେ ଆଧୁନିକ ଯନ୍ତ୍ରପାତି ଯଥା ରେଳ କୋଚ କାଟିବା ମେଶିନ, ଅଗ୍ନି ନିର୍ବାପକ ଭଳି ଉପକରଣ ବ୍ୟବହାର କରାଯାଇଥିଲା। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ଅଭ୍ୟାସ ସ୍ଥାନ ପରିଦର୍ଶନ କରି ଏହି ଅଭ୍ୟାସ ରେଳବାଇ ଓ ସମସ୍ତ ଅଂଶଗ୍ରହଣକାରୀ ସଂସ୍ଥାକୁ ଅପ୍ରତ୍ୟାଶିତ ପରିସ୍ଥିତିର ମୁକାବିଲା କରିବାରେ ସାହାଯ୍ୟ କରିବ ବୋଲି କହିଥିଲେ। ସମ୍ବଲପୁର ରେଳମଣ୍ଡଳର ବରିଷ୍ଠ ନିରାପତ୍ତା ଅଧିକାରୀ (ଇନ୍‌ଚାର୍ଜ) ସନ୍ତୋଷ କୁମାର ଦେୱାନଗାନ ସମସ୍ତ ବିଭାଗୀୟ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

### କେଶାଇବାହାଲଠାରେ ସମ୍ବିଧାନ ଦିବସ

କୁଚିଣ୍ଡା,୨୭।୧୧(ଡି.ଏନ.ଏ.): ବାମରା ବ୍ଲକ କେଶାଇବାହାଲ ଗ୍ରାମର ଖଡିଆପଡା ଯୁବକସଂଘ ପ୍ରାଙ୍ଗଣରେ ଶୁକ୍ରବାର ସମ୍ବିଧାନ ଦିବସ ସାଙ୍ଗକୁ ପୂର୍ବତନ ଲୋକ ସଭା ବାଚସ୍ପତି ରବି ରାୟ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସାମାଜିକ କର୍ମୀ ବୀଣାପାଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଅଧକ୍ଷ କରୁଣାକର କିସାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନ ପ୍ରଣୟନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟ ମାନଙ୍କ ମଧରେ ଶିକ୍ଷକ ଗୋଲକ ବିହାରୀ ନାୟକ, ବିପିଏମ୍ ସୁରୁଚି ଖଡ଼ିଆ, ସୁବୋଦିନୀ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ରବି ରାୟ, ବୀରେନ ମିତ୍ର ଓ ଆମ୍ବେଦକରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ପଦ୍ମିନୀ ବାଙ୍କଡା ପ୍ରାରମ୍ଭିକ ସୂଚନା ଓ ମାନପତ୍ର ପଠନ କରିଥିବାବେଳେ ଯୁବକସଂଘ ସଭାପତି ହେମନ୍ତ ଖାଡ଼ିଆ ଧନ୍ୟବାଦ ଦେଇଥିଲେ।

# ୧୫ ପ୍ରତିଶତ ଦେଲେ ବିଲ୍ ପାସ୍ ହେବ

ସମ୍ବଲପୁର,୨୭।୧୧(ବ୍ୟୁରୋ)


କବରାପାଳି ପଞ୍ଚାୟତ ଅଫିସରେ ଆମରଣ ଅନଶନ।

**ସରପଞ୍ଚଙ୍କ ପିସି ଦାବିର ଭିଡିଓ ଭାଇରାଲ**

■ଆମରଣ ଅନଶନ: ବଢ଼ୁଛି ଜନସମର୍ଥନ

ରାଜ୍ୟ ସରକାର ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ଦେବା ପରେ ସେମାନେ ବାସ୍ତବରେ ଜନପ୍ରତିନିଧି ଭାବେ ନିଜ କାର୍ଯ୍ୟ ଭୁଲି ଯାଉଥିବା କେତେକ ସ୍ଥାନରେ ଦେଖିବାକୁ ମିଳିଛି। ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ କବରାପାଲି ପଞ୍ଚାୟତରେ ଏଭଳି ଘଟଣା ଘଟିଛି। ଉନ୍ନୟନମୂଳକ କାମରେ ବିଲ୍ ପାସ କରିବା ପାଇଁ ସରପଞ୍ଚ ତିଲୋତ୍ତମା ବାଗ ପିସି ଦାବି କରୁଥିବା ଏକ ଭିଡିଓ ଭାଇରାଲ ହୋଇଛି। ଭିଡିଓରେ ଜଣେ ଠିକାଦରଙ୍କୁ ୧୫ ପ୍ରତିଶତ ପିସି ମାଗୁଥିବାବେଳେ ଆଉ ଏକ ଅଡିଓରେ ୫ ପ୍ରତିଶତ ପିସି ନ ଦେଲେ ବିଲ୍ ପାସ୍ କରାଯିବ ନାହିଁ ବୋଲି କହୁଛନ୍ତି। ଭିଡିଓଟି ୧ ମିନିଟ ୪୭ ସେକେଣ୍ଡର ରହିଛି। ସେଥିରେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ବସିଛନ୍ତି। ସମ୍ମୁଖରେ ଠିକାଦାର ଏକ କାମର ବିଲ୍ ପାସ କରିବାକୁ ଅନୁରୋଧ କରୁଛନ୍ତି। ଜିଆର୍‌ଏସ୍ ବିଲ୍ କରି ୧୦ ହଜାର ୬ ଶହ ଟଙ୍କା ଉଠାଇ ନେଇଛନ୍ତି। କାମରେ ଲାଭ ମିଳିଲା ନାହିଁ। କମ କରନ୍ତୁ ବୋଲି ଠିକାଦାର ଅନୁରୋଧ କରୁଛନ୍ତି। ହେଲେ ସରପଞ୍ଚ ପିସି ନ ଦେଲେ ବିଲ୍ କରାଯିବ ନାହିଁ ବୋଲି କହୁଛନ୍ତି। ଏ ସମ୍ପର୍କରେ ବିଡିଓ ସୁରଜ ବିଶ୍ୱାଳ କହିଛନ୍ତି, ଭିଡିଓ ଓ ଅଡିଓ ମୋ ପାଖକୁ ଆସିଛି। ଘଟଣାର ତଦନ୍ତ କରାଯିବ। ପୂର୍ବରୁ ୩ଦିନ ଧରି ସରପଞ୍ଚଙ୍କ ଦୁର୍ନୀତି ପ୍ରସଙ୍ଗକୁ ନେଇ ତଦନ୍ତ ଜାରି ରହିଛି ବୋଲି କହିଥିଲେ। ଶନିବାର ମଧ ପଞ୍ଚାୟତ ଅଫିସ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆମରଣ ଅନଶନ ଜାରି ରହିଥିବା ବେଳେ ସରପଞ୍ଚ ବାଗ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ଆନ୍ଦୋଳନକାରୀ ତାଙ୍କୁ ଭିତରକୁ ପୂରାଇଦେଇ ନ ଥିଲେ। ବିଡିଓ ବିଶ୍ୱାଳ ଓ ସଦର ଥାନା ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଅନ୍ୟପଟେ ପୂର୍ବତନ ବ୍ଲକ ଅଧକ୍ଷ ଶରତ ସାହୁ ଓ ପଞ୍ଚାୟତବାସୀ ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବିରେ ୩ଦିନ ହେବ ଆମରଣ ଅନଶନରେ ବସିଛନ୍ତି। ଦିନକୁ ଦିନ ଜନସମର୍ଥନ ବୃଦ୍ଧି ପାଇବାରେ ଲାଗିଛି। ପ୍ରଥମ ଦିନରେ ବିଡିଓ ବିଶ୍ୱାଳ ଯାଇ ଆଲୋଚନା କରିଥିଲେ। ଜଳଯୋଗାଣ ସାମଗ୍ରୀ କିଣା, ପିଡିଏସ୍, ମିଥ୍ୟା ବିଲ ଭାଉଚର କରି ଟଙ୍କା ଉଠାଣ, ଜଳ ଯୋଗାଣ ପ୍ରକଳ୍ପର ସାମଗ୍ରୀ କିଣାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ସରପଞ୍ଚ ବାଗ୍ କହିଛନ୍ତି, ପଞ୍ଚାୟତ ନିୟମାବଳୀ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି। ପଞ୍ଚାୟତବାସୀଙ୍କୁ କୌଣସି ଅସୁବିଧା କରାଯାଉନାହିଁ। ଜଣେ ବ୍ୟକ୍ତି ଚକ୍ରାନ୍ତ କରି ମୋତେ ହଇରାଣ କରୁଛନ୍ତି। ନିର୍ବାଚନ ସମୟରେ ସମର୍ଥନ କରିଥିଲେ। ଏବେ ମୋତେ ରବରଷ୍ଟାମ୍ପ ଭଳି ବ୍ୟବହାର କରୁଥିବାରୁ ମୁ ଦୂରେଇଯାଇଛି। ଏହାକୁ ନେଇ ଆକ୍ରୋଶମୂଳକ ଭାବେ ଏଭଳି ଘଟଣା କରୁଛନ୍ତି। ମୋ ନାମରେ ଆସିଥିବା ଦୁର୍ନୀତି ଅଭିଯୋଗ, ପିସି ମାଗିବାର ଭିଡିଓ ଓ ଅଡିଓ ଉଦ୍ଦେଶ୍ୟମୂଳକ। ଏହାର ଯେକୌଣସି ତଦନ୍ତ ପାଇଁ ମୁ ପ୍ରସ୍ତୁତ ଅଛି ବୋଲି କହିଥିଲେ।

## ରାଉରକେଲାରେ ହେବ ସିପିଆଇ (ଏମ୍)ର ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଆସନ୍ତା ୩୦ ତାରିଖରୁ ୨ ଡିସେମ୍ବର ୩ଦିନ ଧରି ରାଉରକେଲାଠାରେ ସିପିଆଇ (ଏମ୍)ର ୨୨ତମ ଓଡ଼ିଶା ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀକୁ ପାର୍ଟିର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ଉଦ୍‌ଘାଟନ କରିବେ ଓ ପଲିଟବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେବେ। ବଣାଇଠାରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ଖୋଲା ଅଧିବେଶନରେ ଜନସଭା ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଉର୍ଦ୍ଧ୍ୱ ନିର୍ବାଚିତ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗଦେବେ। ସୀତାରାମ ୟେଚୁରୀଙ୍କ ସମେତ ସୂର୍ଯ୍ୟକାନ୍ତ ମିଶ୍ର, ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ, ଓଡ଼ିଶାର ବରିଷ୍ଠ ନେତା ଜନାର୍ଦ୍ଦନ ପତି, ବିଷ୍ଣୁ ମହାନ୍ତି ଏବଂ ସୁନ୍ଦରଗଡ଼ ଜିଲା ସମ୍ପାଦକ ପ୍ରମୋଦ ସାମଲ ପ୍ରମୁଖ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଜୟଦେବ ବିହାରସ୍ଥିତ ରାଜ୍ୟ କର୍ଯ୍ୟାଳୟରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍ଟିର ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ ଜାଲରେ ଆଇସିଡିଏସ୍ ସୁପରଭାଇଜର

ସମ୍ବଲପୁର,୨୭।୧୧(ବ୍ୟୁରୋ)


ସୁଲଚନା ଅର୍କ।

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଆଇସିଡିଏସ୍ ସୁପରଭାଇଜର ସୁଲଚନା ଅର୍କ ଶନିବାର ଜଣେ ଅଙ୍ଗନୱାଡି କର୍ମୀଙ୍କଠାରୁ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆ ୧୩ ହଜାର ୫ଶହ ଟଙ୍କା ଜବତ ହୋଇଛି। ଏ ନେଇ ଭିଜିଲାନ୍ସରେ ୪୦/୨୧ରେ ମାମଲା ରୁଜୁ ହୋଇଛି। ଏହା ସହ ସୁଲଚନା ରହୁଥିବା ଘରେ ମଧ ଚଢାଉ ଜାରି ରହିଛି।

ସୂଚନା କ୍ରମେ ଜୟନ୍ତପୁର ଅଙ୍ଗନୱାଡି କେନ୍ଦ୍ରରେ କିଛିଦିନ ପୂର୍ବେ ଶୁଖିଲା ଖାଦ୍ୟ ଓ ସାମଗ୍ରୀ କିଣାଯାଇଥିଲା। ସୁପରଭାଇଜର ଅର୍କ କେନ୍ଦ୍ର ପରିଦର୍ଶନରେ ଆସିଥିବା ସମୟରେ ଅଙ୍ଗନୱାଡି କର୍ମୀ ତାଙ୍କୁ କିଣାଯାଇଥିବା ସାମଗ୍ରୀର ବିଲ୍ ଭାଉଚର ଦେଇ ଟଙ୍କା ଦେବାକୁ ଅନୁରୋଧ କରିଥିଲେ। ହେଲେ ସୁପରଭାଇଜର ବିଲ୍ ପାସ ନ କରି ଦିନ ଗଡାଇ ଚାଲିଥିଲେ। ପରେ ସେ ଏଥିପାଇଁ ୨୦ ହଜାର ଟଙ୍କା ଦାବି କରିଥିଲେ। ଶେଷରେ ୧୩,୫୦୦ଟଙ୍କାରେ ବୁଝାମଣା ହୋଇଥିଲା। ଏ ନେଇ ଅଙ୍ଗନୱାଡି କର୍ମୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଶନିବାର ସେ ଟଙ୍କା ନେବା ସମୟରେ ପୂର୍ବ ଯୋଜନା ମୁତାବକ ଉପସ୍ଥିତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲା।

## ବିଧାନସଭା ଗୃହ କମିଟିର ଝାରସୁଗୁଡ଼ା ଗସ୍ତ ଆଜି

ଝାରସୁଗୁଡ଼ା ଅଫିସ,୨୭।୧୧

**ବିସ୍ଥାପିତଙ୍କ ସମସ୍ୟା ନେଇ ହେବ ସମୀକ୍ଷା**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) କୋଇଲାଖଣି ଦ୍ୱାରା ବିସ୍ଥାପିତମାନେ ନିଜର ହକ୍‌ପାଇଁ ଦୀର୍ଘବର୍ଷ ହେଲା ଲଢେଇ କରିଆସୁଛନ୍ତି। ଏ ସମ୍ପର୍କରେ ବିଧାୟକ କିଶୋର ମହାନ୍ତି ରାଜସ୍ୱ ମନ୍ତ୍ରୀ ସୁଦାମ ମରାଣ୍ଡିଙ୍କ ସହିତ ଆଲୋଚନା କରିଥିଲେ। ମନ୍ତ୍ରୀ ମରାଣ୍ଡି ଏକ ବିଧାନସଭା ଗୃହ କମିଟି ଝାରସୁଗୁଡ଼ା ଜିଲା ଗସ୍ତରେ ଯାଇ ବିସ୍ଥାପିତ ଅଞ୍ଚଳ ପରିଦର୍ଶନ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତଦନୁଯାୟୀ ଡେପୁଟି ସ୍ପିକର ରଜନୀକାନ୍ତ ସିଂହଙ୍କ ଚେୟାରମ୍ୟାନଶିପ୍‌ରେ ଏକ ୧୬ଜଣିଆ ଗୃହ କମିଟି ଶନିବାର ସନ୍ଧ୍ୟାରେ ଝାରସୁଗୁଡ଼ାରେ ପହଞ୍ଚିଛି। କମିଟି ସଦସ୍ୟମାନେ ରବିବାର ସକାଳେ ଏମ୍‌ସିଏଲ୍ ଓ ଓପିଜିସି ପ୍ରକଳ୍ପର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିବେ। ଏମ୍‌ସିଏଲ୍ ଲଖନପୁର କ୍ଷେତ୍ରର ଦର୍ଲିପାଲ, ଉବୁଡା, ଟିଙ୍ଗିସ୍‌ମାଲ, ଯୋରାବଗା ଆଦି ବିସ୍ଥାପିତ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିବେ। ପରେ ଓପିଜିସିର ବନହରପାଲି ଇବ୍‌ଥର୍ମାଲ ପ୍ରକଳ୍ପ ଅତିଥି ଭବନରେ ଆର୍‌ଡିସି, ଜିଲାପାଳ ଓ ଉଭୟ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ଗୃହ କମିଟି ଗସ୍ତ ସୂଚୀରୁ ଜଣାପଡିଛି। ଏହି କମିଟିରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ରାଜସ୍ୱ ମନ୍ତ୍ରୀ ସୁଦାମ ମରାଣ୍ଡି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, କୃଷିମନ୍ତ୍ରୀ ଅରୁଣ କୁମାର ସାହୁ, ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ବିରୋଧୀ ଦଳ ନେତା ମୋହନ ଚରଣ ମାଝି, ଦେବୀ ପ୍ରସାଦ ମିଶ୍ର, କିଶୋର କୁମାର ମହାନ୍ତି, ସନ୍ତୋଷ ସିଂହ ସାଲୁଜା, ପ୍ରୀତିରଞ୍ଜନ ଘଡେଇ, ମନୋହର ରନ୍ଧାରୀ, ପର୍ଶୁରାମ ଧଡା, ସୀମାରାଣି ନାୟକ, ପ୍ରଶାନ୍ତ କୁମାର ଜଗଦେବ, ନାଉରୀ ନାୟକ ପ୍ରମୁଖ ମନ୍ତ୍ରୀ ଓ ବିଧାୟକ ରହିଛନ୍ତି।

## ବ୍ଲକ ଅଫିସ୍ ଆଗରେ ଅଙ୍ଗନୱାଡ଼ି କର୍ମୀଙ୍କ ବିକ୍ଷୋଭ

ନାକଟିଦେଉଳ,୨୭।୧୧(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅଲଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ ୱାର୍କସ ଆସୋସିଏଶନ ନାକଟିଦେଉଳ ବ୍ଲକ ଶାଖା ପକ୍ଷରୁ ୧୨ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ବିବେକାନନ୍ଦ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧରେ ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ସହ ଚାକିରି ସର୍ତ୍ତାବଳୀ ଲାଗୁ କରିବା, ମାସିକ ସର୍ବନିମ୍ନ ୧୮ହଜାର ଓ ସହାୟିକାଙ୍କୁ ୯ହଜାର ଟଙ୍କା ବେତନ ପ୍ରଦାନ, ଇପିଏଫ, ପେନସନ, ଗ୍ରାଚ୍ୟୁଟି, ସ୍ୱାସ୍ଥ୍ୟ ସୁବିଧାରେ ଅନ୍ତର୍ଭୁକ୍ତ କରିବା, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀ ମାନ୍ୟତା, କରୋନାରେ ମୃତ କର୍ମୀ ଓ ସହାୟିକାଙ୍କୁ କେନ୍ଦ୍ର ସରକାର ଘୋଷଣା କରିଥିବା ୫୦ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ ଅନ୍ୟତମ। ସଂଘର ନାକଟିଦେଉଳ ବ୍ଲକ ଶାଖା ସଭାନେତ୍ରୀ ସୌଦାମିନୀ ଧଳ ଓ ସମ୍ପାଦିକା ଶକୁନ୍ତଳା ଗଡ଼ତ୍ୟାଙ୍କ ନେତୃତ୍ୱରେ ସଦସ୍ୟମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଭାଜପା ମଣ୍ଡଳସ୍ତରୀୟ ସମ୍ମିଳନୀ

କୁଚିଣ୍ଡା,୨୭।୧୧(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ଜୋନ-୨ ଭାଜପା ଗୁଦଗୁଦା ମଣ୍ଡଳ ସ୍ତରୀୟ କର୍ମୀ ସମ୍ମିଳନୀ ଶୁକ୍ରବାର ଚକ୍ରଧରଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ରବି ନାରାୟଣ ନାଏକ, ସମ୍ପାଦକ ଟଙ୍କଧର ତ୍ରିପାଠୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲାପରିଷଦ ସଭ୍ୟା ମମତା ପଟେଲ, ଜିଲା ସାଧାରଣ ସମ୍ପାଦକ ଶୁଶିଳ କର, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଦିବ୍ୟରାଜ କିସାନ, ପୂର୍ବତନ ଜିଲାପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ ପ୍ରମୁଖ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କ ବିଜୟ ପାଇଁ ସଙ୍ଗଠନ ମଜଭୁତ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ମଣ୍ଡଳ ସଭାପତି ଉପେନ୍ଦ୍ର ପଟେଲ ସ୍ୱାଗତ ଭାଷଣ ଓ ସମ୍ପାଦକ ଚୂଡାମଣି ମାକର ଧନ୍ୟବାଦ ଦେଇଥିଲେ। ସମ୍ମିଳନୀରେ ୮ ପଞ୍ଚାୟତର ୫ଶହରୁ ଉର୍ଦ୍ଧ୍ୱ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।


ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ ନେତା ଓ କର୍ମୀ।

## କ୍ରିକେଟ ଟୁର୍ନାମେଣ୍ଟ: ନଗେନ ଫାଇଟର ଚାମ୍ପିୟନ


ଅତିଥିଙ୍କ ସହ ଖେଳାଳିମାନେ।

ନାକଟିଦେଉଳ,୨୭।୧୧(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତର ଭାଲୁଗାଡ଼ିଆ ବିନ୍ଧେଶ୍ୱରୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ବିନ୍ଧେଶ୍ୱରୀ କପ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ ଜାମୁଯୋରୀ ଓ ବାଟଗାଁର ନଗେନ ଫାଇଟର ମଧରେ ହୋଇଥିଲା। ଜାମୁଯୋରୀ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯ ଉଇକେଟ ହରାଇ ୮୯ରନ ସଂଗ୍ରହ କରିଥିଲା। ନଗେନ ଫାଇଟର ୮ ଓଭରରେ ୫ ଉଇକେଟ ହରାଇ ୯୧ରନ କରି ଚାମ୍ପିୟନ ହୋଇଥିଲା। ନଗେନ ଫାଇଟର ଦଳର ଚିଣ୍ଟୁ ମ୍ୟାନ ଅଫ ଦି ମ୍ୟାଚ ଓ ସିପୁନ ମ୍ୟାନ ଅଫ ଦ ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ଶଙ୍କର୍ଷଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ବ୍ଲକର ପୂର୍ବତନ ଅଧକ୍ଷ ସୁଦର୍ଶନ ସାହୁ ମୁଖ୍ୟଅତିଥି ଓ ଶିକ୍ଷକ ଗୁରୁଚରଣ ବିଶ୍ୱାଳ, ସୁରେଶ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ରାଶି ଦେଇ ପୁରସ୍କୃତ କରିଥିଲେ। ଖେଳ ପରିଚାଳନା କରିଥିଲେ ଜଗବନ୍ଧୁ ମହାପାତ୍ର ଓ ପତିରାମ ସାହୁ।

## ଅଧିବକ୍ତା ପରିଷଦର ସମ୍ବିଧାନ ଦିବସ

ସମ୍ବଲପୁର,୨୭।୧୧(ବ୍ୟୁରୋ)

ସମ୍ବଲପୁର ଅଧିବକ୍ତା ପରିଷଦ ପକ୍ଷରୁ ଶୁକ୍ରବାର ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ସମ୍ବଲପୁର ଜିଲା କୋର୍ଟ ପରିସରସ୍ଥ କେନ୍ଦ୍ର ସରକାରଙ୍କ ଓକିଲ କାର୍ଯ୍ୟାଳୟଠାରେ ସଭା ହୋଇଥିଲା। ବରିଷ୍ଠ ଅଧିବକ୍ତା ଦିଲୀପ କୁମାର ପଣ୍ଡା ସଭାପତିତ୍ୱ କରିଥିଲେ । ଆଇନଜୀବୀ ବରଦାମାଧବ ଗୁରୁ ମୁଖ୍ୟଅତିଥି ଓ ନିଖିଳ ଓଡିଶା ଆଇନଜୀବୀ ସଂଘର ପୂର୍ବତନ ସଭାପତି ସତ୍ୟନରାୟଣ ପଣ୍ଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଭାରତର ସମ୍ବିଧାନ ବିଷୟରେ ଆଲୋକପାତ କରିଥିଲେ ।

## ଜିଲାପାଳଙ୍କ ଉନ୍ନୟନମୂଳକ କାମ ତଦାରଖ


ଝୁଝୁମୁରା ରେ ଜିଲାପାଳ କାମ ତାଦରଖ କରୁଛନ୍ତି ।

ସମ୍ବଲପୁର,୨୭।୧୧(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଶୁଭମ୍ ସକସେନା ଶୁକ୍ରବାର ଝୁଝୁମୁରା ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନମୂଳକ କାମ ତଦାରଖ କରିଥିଲେ। ବିଡିଓ ସୁରଜ ବିଶ୍ୱାଳ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାପାଳ ଝାରଙ୍କପାଲି, ବସିଆପଡା, ଗଡଗଡବାହାଲ, କୟାକୁଦ, କୁକୁରଲଟିଆ ଆଦି ଗ୍ରାମରେ ଚାଲିଥିବା କାମ ଦେଖିବା ସହ କାର୍ଯ୍ୟରତ ଶ୍ରମିକମାନଙ୍କ ସହ ଆଲୋଚନା କରିଥିଲେ। ମେଟ୍‌ମାନଙ୍କୁ ଅଧିକ ଶ୍ରମିକ ନିୟୋଜିତ କରି ରୋଜଗାର ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। କୟାକୁଦ, କୁକୁରଲଟିଆରେ ଝରଣା ପାଣିକୁ ସଞ୍ଚୟ କରିବା ପ୍ରକଳ୍ପ ନିର୍ମାଣ ହୋଇଛି। ଏହା ଦ୍ୱାରା ରୋଜଗାର ସୃଷ୍ଟି ହେବା ସହ ଅପଚୟ ପାଣି ସଞ୍ଚୟ କରାଯାଇପାରୁଛି। ଏହି ପ୍ରକଳ୍ପ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏଭଳି ପ୍ରକଳ୍ପ ବ୍ଲକର ଅନ୍ୟ ସ୍ଥାନରେ କରିବାକୁ ଜିଲାପାଳ ସକ୍‌ସେନା ବିଡିଓ ବିଶ୍ୱାଳଙ୍କୁ ପରାମର୍ଶ ଦେଇଥିଲେ।

# ଝୁଝୁମୁରା ବ୍ଲକରେ ଦଳବଦଳ ଚର୍ଚ୍ଚା

ସମ୍ବଲପୁର,୨୭।୧୧(ବ୍ୟୁରୋ)

**ବିଜେଡି ଯାଇପାରନ୍ତି ବରୁଣ, ସସ୍ମିତା**

ପଞ୍ଚାୟତ ନିର୍ବାଚନ ଘୋଷଣା ହେବା ପରେ ବିଭିନ୍ନ ରାଜନୈତିକ ଦଳରେ ମିଶ୍ରଣ ପର୍ବ ଆରମ୍ଭ ହୋଇଛି। ଅନେକ ନେତା ଦଳ ଛାଡିବାକୁ ଯୋଜନା କରୁଥିବା ବେଳେ ଦଳ ମଧ ନେତାଙ୍କୁ ସାମିଲ କରିବାକୁ ଚେଷ୍ଟା କରୁଛି। ଝୁଝୁମୁରା ବ୍ଲକ କଂଗ୍ରେସର ଆଗଧାଡିର ଦୁଇଜଣ ନେତା ଦଳ ଛାଡିବା ଚର୍ଚ୍ଚା ଜୋର ଧରିଛି। ଏମାନେ ହେଲେ କୁକୁଡାପାଲି ସମିତି ସଭ୍ୟା ସସ୍ମିତା ଦେହୁରି ଓ ଝୁଝୁମୁରାର ଯୁବ ନେତା ବରୁଣ ଦେହୁରି। ଦୁଇନେତା କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଛି।

ବରୁଣ ପଡ଼ୋଶୀ ଜିଲାର ଜଣେ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଦଳୀୟ ସଙ୍ଗଠନକୁ ପରିଚାଳନା କରୁଥିବା ଜଣେ ରାଜ୍ୟସ୍ତରୀୟ ନେତାଙ୍କ ସହ ମଧ ବୈଠକ ହୋଇଛି। ରେଢାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ମଧ ଏ ନେଇ ସୂଚନା ଦିଆଯାଇଛି। ଡିସେମ୍ବର ପ୍ରଥମ ସପ୍ତାହରେ ସେ ଇସ୍ତଫା ଦେବାର ଯୋଜନା ରହିଛି। ବରୁଣ ପୂର୍ବରୁ ସମ୍ବଲପୁର ଲୋକ ସଭା କ୍ଷେତ୍ରର ଯୁବ ସଭାପତି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଏହା ସହ ଏମ୍‌ପିଙ୍କ ପ୍ରତିନିଧି ଭାବେ ରହି ଦଳୀୟ ସଙ୍ଗଠନ ପାଇଁ କାମ କରିଛନ୍ତି। ଏ ସମ୍ପର୍କରେ ବରୁଣ କହନ୍ତି, ଅନ୍ୟ ଦଳରେ ଯୋଗଦାନ କରିବା ନେଇ ତାଙ୍କ ସମର୍ଥକ ନିଷ୍ପତ୍ତି ନେବେ। ଅଞ୍ଚଳର ବିକାଶ ଓ ଜନସାଧାରଣଙ୍କ ସମସ୍ୟା ନେଇ କାମ କରିବା ମୋର ମୂଳ ଲକ୍ଷ୍ୟ। ବିଜେଡି ଯିବା ନେଇ ହେଉଥିବା ଚର୍ଚ୍ଚାକୁ ଲୋକମାନଙ୍କ ଉପରେ ଛାଡି ଦିଆଯାଇଛି ବୋଲି କହି ଏଡାଇ ଦେଇଥିଲେ। ଅନ୍ୟପଟେ କୁକୁଡାପାଲି ପଞ୍ଚାୟତ ଅଫିସରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ସସ୍ମିତା ଦେହୁରିଙ୍କ ଭାଷଣ ଶୁଣି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ ପ୍ରଶଂସା କରିଥିଲେ। ଏଭଳି ନେତୃତ୍ୱ ଅଞ୍ଚଳ ତଥା ରାଜନୈତିକ ଦଳ ପାଇଁ ଆବଶ୍ୟକ ବୋଲି କହିଥିଲେ। ପରେ ସ୍ୱତନ୍ତ୍ର ଭାବେ ସେ ତାଙ୍କୁ ଭେଟି ଆଲୋଚନା କରିଥିବା ନେଇ ଚର୍ଚ୍ଚା ହୋଇଥିଲା। ତେଣୁ ବିଜେଡିରେ ଯୋଗଦାନ କରିପାରନ୍ତି ବୋଲି ଆଲୋଚନା ହେଉଛି। ସସ୍ମିତା କୁକୁଡାପାଲି ପଞ୍ଚାୟତର ସମିତି ସଭ୍ୟା ଅଛନ୍ତି। ପୂର୍ବରୁ ଜିଲାପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଏବେ ଝାରସୁଗୁଡ଼ା ଜିଲା ପ୍ରଭାରୀ ଭାବେ ମଧ ଦଳ ତାଙ୍କୁ ଦାୟିତ୍ୱ ଦେଇଥିବା ଜଣାପଡିଛି। ଏ ସମ୍ପର୍କରେ ସସ୍ମିତା କହନ୍ତି, ଦଳ ପରିବର୍ତ୍ତନ କରିବା ଏକ ଗୁଜବ। ଲୋକମାନେ ଚାହୁଁଛନ୍ତି ସେ କଂଗ୍ରେସ ଦଳରେ ରହି କାମ କରନ୍ତୁ। ଦଳ ସାଙ୍ଗରେ କିଛି ନାହିଁ, ସେବା ମନୋବୃତ୍ତି ରଖି ଲୋକଙ୍କ ସମସ୍ୟାର ସମାଧାନ କଲେ ଜନସମର୍ଥନ ନିଶ୍ଚିତ ମିଳିବ। ତେଣୁ ଦଳ ପରିବର୍ତ୍ତନ ନ କରି ଦଳରେ ରହି ସେବା କରିବେ ବୋଲି କହିଥିଲେ। ଏ ସମ୍ପର୍କରେ ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ କହିଥିଲେ, ବିଜୁ ଜନତା ଦଳ ଏକ ଶୃଙ୍ଖଳିତ ଦଳ। ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଜନସାଧାରଣଙ୍କ ଭରସା ଓ ବିଶ୍ୱାସ ରହିଛି। ଯେଉଁମାନେ ଦଳକୁ ଆସିବେ ସ୍ୱାଗତ କରାଯିବ।

## ବିଲରେ ଧାନ କାଟିଲେ ଧର୍ମଗଡ଼ ବିଧାୟକ

କୋକସରା,୨୭।୧୧(ଡି.ଏନ.ଏ.)

ହାତରେ ଦାଆ ଧରି ନିଜେ ବିଧାୟକ ବିଲରେ କାଟିଲେ ଧାନ। କଳାହାଣ୍ଡି ଜିଲା ଧର୍ମଗଡ଼ ବିଧାୟକ ମୌଷଧି ବାଗ ନିଜ ଗାଁ କୋକସରା ବ୍ଲକ ମାଝୀଗୁଡାସ୍ଥିତ ନିଜ ଚାଷ ଜମିରେ ଅନ୍ୟ ମଜୁରିଆଙ୍କ ସହ ମିଶି ଶନିବାର ଧାନ କାଟୁଥିବାର ଦେଖିବାକୁ ମିଳିଥିଲା। ସେ ଚାଷୀ ପରିବାରରୁ ଆସିଥିବା ବେଳେ ଚାଷ କାମ ପ୍ରତି ତାଙ୍କର ବିଶେଷ ଦୁର୍ବଳତା ରହିଛି । ସମୟ ମିଳିଲେ ସେ ଚାଷ କାମ ବୁଝାଶୁଝା କରିବାକୁ ଭଲ ପାଆନ୍ତି। ବିଧାୟକ ହୋଇ ମଧ ନିଜ ବ୍ୟସ୍ତବହୁଳ ଜୀବନରୁ ସମୟ କାଢି ଧାନ କାଟିବାକୁ ଆଗେଇ ଆସିଛନ୍ତି। ଅନ୍ୟମାନଙ୍କ ସହ ଚାଷ କାର୍ଯ୍ୟରେ ସାହାଯ୍ୟ କଲେ ସେମାନଙ୍କ ମନୋବଳ ବୃଦ୍ଧି ପାଇବ ବୋଲି ବିଧାୟକ ବାଗ କହିଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୮ ନଭେମ୍ବର, ୨୦୨୧



**ଗୋଣ୍ଡୱାନା ଗୋଁଡ ସମାଜ ବୈଠକ**

ପଦ୍ମପୁର,(ଡି.ଏନ.ଏ): ବରଗଡ଼ ଜିଲ୍ଲା ଧୁମାଭଟା ମଧୁନଗରର ଛକରେ ଲଖମରା ସର୍କଲ ଗୋଣ୍ଡୱାନା ଗୋଁଡ ସମାଜର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁରଲି ଧରୁଆ ସଭାପତିତ୍ୱ କରିଥିବା ବେଳେ ଗାନ୍ଧୀ ଧରୁଆ ସଭା ପରିଚାଳନା କରିଥିଲେ। ଏହି ଅବସରରେ ୧୦ଟି ଗ୍ରାମ୍ୟ କମିଟି, ସର୍କଲ କମିଟି ଓ ୧୧ ଜଣିଆ ଗୁଡି କମିଟି ଗଠନ କରାଯାଇଥିଲା। ଇନ୍ଦ୍ରମଣି ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଦେବେନ୍ଦ୍ର ଧରୁଆ, ଅକ୍ଷୟ ଧରୁଆ, ମୀନକେତନ ମରେଇ, ସରୋଜ ଧରୁଆ,ବୀରସିଂ ମଲ୍ଲିକ, ବଳରାମ ଧରୁଆ, ସୁଶୀଲ ଧରୁଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ପରିବହନ ମନ୍ତ୍ରୀଙ୍କୁ ଅଣ୍ଡା ମାଡ଼, ୨ ଅଟକ

**୪ ପଞ୍ଚାୟତରେ ସ୍ମାର୍ଟ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ**

**ଉଲୁଣ୍ଡା,୨୭।୧୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକର ଏସ.ପତ୍ରାପାଲି, ସିଣ୍ଡୋଲ, ଚଡାଇପଙ୍କ ଏବଂ ଜଉଁରାଭଉଁରା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ଼ ବଣ୍ଟନ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ବେହେରାଙ୍କ ସହ ଉଲୁଣ୍ଡା ବିଡିଓ ହେମସାଗର ଭୋଇ ଉପସ୍ଥିତ ଥିଲେ। ସିଣ୍ଡୋଲରେ କାର୍ଯ୍ୟକ୍ରମ ସମାପ୍ତ କରି ଚଡାଇପଙ୍କ ଅଭିମୁଖେ ମନ୍ତ୍ରୀ ଯାଉଥିବା ସମୟରେ ନାରାୟଣତିକ୍ରା ଗାଁ ନିକଟରେ ୨ ଜଣ ଯୁବକ ତାଙ୍କ ଗାଡି ଉପରକୁ ଅଣ୍ଡା ମାଡ କରିବାରୁ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉକ୍ତ ଦୁଇ ଜଣ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଥିଲେ। ସେମାନେ ହେଲେ କଂଗ୍ରେସ ଦଳର ଟିକୁନ ମହାଲିଂ ଓ ଗୋବିନ୍ଦା ଝାଙ୍କର।

### ଓକିଲଙ୍କ ବିୟୋଗରେ ଶୋକସଭା

**ଟିଟିଲାଗଡ଼,୨୭।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ଼ ଓକିଲ ସଂଘର ସଦସ୍ୟ ସଜୟ କୁମାର ସାସମଲ (୫୫)ଙ୍କ ବିୟୋଗରେ ଏକ ଶୋକସଭା ସଂଘ ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସମ୍ପାଦକ ମହେଶ ମହାନ୍ତିଙ୍କ ସଭପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ଉପସ୍ଥିତ ସଭ୍ୟମାନେ ସ୍ୱର୍ଗତ ସାସମଲଙ୍କ ସ୍ମୃତିଚାରଣ କରିଥିଲେ। ସେ ଜଣେ ମେଳାପୀ, କର୍ମଠ ଓ କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ଥିଲେ ବୋଲି ସଭ୍ୟମାନେ ନିଜ ବକ୍ତବ୍ୟରେ କହିଥିଲେ। ଶୋକସଭାରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା, ସଞ୍ଜୟ ପଣ୍ଡା, ନରେଶ ପାଢ଼ୀ, ଡମ୍ବରୁଧର କର୍ମୀ, ରାଜେଶ ବାବୁଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। ପ୍ରକାଶଥାଉ କି, ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଗୁରୁବାର ତାଙ୍କର ପରଲୋକ ଘଟିଥିଲା। ଶୁକ୍ରବାର ତାଙ୍କର ମରଶରୀର ଟିଟିଲାଗଡ଼ରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ଭୋଟର ସଚେତନତା କାର୍ଯ୍ୟକ୍ରମ

**ବାଉଁଶୁଣୀ,୨୭।୧୧(ଡି.ଏନ.ଏ.):** ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଡିଗ୍ରୀ ମହାବିଦ୍ୟାଳୟରେ ଶୁକ୍ରବାର ସମ୍ବିଧାନ ଦିବସ ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଅନିରୁଦ୍ଧ ମହାକୁଳ ସଭାପତିତ୍ୱ କରିଥିଲେ। ଭୋଟର ତାଲିକାରେ ନୂତନ ଭାବରେ ନାମ ପଞ୍ଜୀକରଣ କରିବାକୁ ଥିବା ଛାତ୍ରୀଛାତ୍ରଙ୍କୁ ମହାବିଦ୍ୟାଳୟର ଅଧକ୍ଷ ସଚେତନ କରିଥିଲେ। ରାଷ୍ଟ୍ରୀୟ ସେବା ଯୋଜନା ବୌଦ୍ଧ ଜିଲା ଶାଖାର ଡି.ପି .ଓ ଡ. ମନୋରଞ୍ଜନ ଘଡ଼େଇ ଛାତ୍ରୀଛାତ୍ରମାନଙ୍କୁ ଭାରତ ସମ୍ବିଧାନର ମୁଖ୍ୟବନ୍ଧ ପଠନ କରାଇ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସମ୍ବିଧାନ ଦିବସ ପାଳିତ

**ବୌଦ୍ଧ,୨୭।୧୧(ସ୍ୱ.ପ୍ର.):** ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା କୋର୍ଟ ପରିସରରେ ସମ୍ବିଧାନ ଦିବସ ଶୁକ୍ରବାର ଦିନ ପାଳିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧକ୍ଷ ସୁଶ୍ରୀ ପ୍ରତିମା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣା, ମୁଖ୍ୟ ଦଣ୍ଡାଦେଶ ଅଧିକାରୀ ହୃଷିକେଶ ଆଚାର୍ଯ୍ୟ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଚରଣଜିତ ଓରାମ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାରୀ ସୁମିତ୍ରା ସାହୁ, ପ୍ରୋବେସନ ବିଚାରପତି ବିକାଶ କିରନ ମିଶ୍ର, ଜିଲା ଓକିଲ ସଂଘ ସଭାପତି ତାରେଣି କୁମାର ମହାପାତ୍ର, ବରିଷ୍ଠ ଆଇନଜୀବୀ ଓମପ୍ରକାଶ ମିଶ୍ର ଓ ନବ କୁମାର ମିଶ୍ର ଯୋଗ ଦେଇଥିଲେ। ସଭାରେ ଅତିଥିମାନେ ଆଇନର ବିଭିନ୍ନ ଦିଗ ଓ ଆମ ଦେଶର ସମ୍ବିଧାନ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ଓ ଆଇନସେବା ପ୍ରାଧିକରଣର ପାରା ଲିଗାଲ ଭଲ୍ୟୁଣ୍ଟିୟରମାନେ ଯୋଗଦେଇଥିଲେ।

# ଦୁର୍ଘଟଣା ହ୍ରାସ ନିମନ୍ତେ ସଚେତନତା ଲୋଡ଼ା

**ସଡ଼କ ସୁରକ୍ଷା ସଂସଦୀୟ କମିଟି ବୈଠକ**

**ସୋନପୁର,୨୭।୧୧(ନି.ପ୍ର )**

ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡକ ସୁରକ୍ଷା ସଂସଦୀୟ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଓ୍ୱାଲୀ ସୁନିଲ ନରୱଣେ ବୈଠକର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପରେ ଜିଲା ପରିବହନ ଅଧିକାରୀ ରବୀନ ପଟ୍ଟନାୟକ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକରେ ଆଲୋଚନା ନିମନ୍ତେ ବିଷୟବସ୍ତୁ ଉପସ୍ଥାପନ କରିଥିଲେ। ଜିଲା ପରିବହନ ବିଭାଗ ତରଫରୁ



ସଡକ ସୁରକ୍ଷା ସଂସଦୀୟ କମିଟି ବୈଠକରେ ଉପସ୍ଥିତ ଏମ୍‌ପି ଓ ଜିଲାପାଳ।

ନିଆଯାଇଥିବା ସଡକ ସୁରକ୍ଷା, ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ପରିବହନ ଓ ସଡକ ସୁରକ୍ଷା ସଂକ୍ରାନ୍ତୀୟ ଯୋଜନା, ବିଭିନ୍ନ ଆଇନ ସମ୍ବନ୍ଧୀୟ ସୂଚନା ଓ କାର୍ଯ୍ୟକାରିତା ଉପରେ ବୈଠକରେ ଆଲୋଚନା ହୋଇଥିଲା। ସଡକ ସୁରକ୍ଷା ଯୋଜନା ଉପରେ ଉତ୍ତମ ସମନ୍ୱୟ ନୀତି, ସୋଲାଟିୟମ ସ୍କିମ, ରକ୍ଷକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୁର୍ଘଟଣାକୁ ରୋକିବା ସହ ସୁଗମ ଯାତାୟାତ ନିମନ୍ତେ ସୋନପୁର ସହରରେ ଦୁଇଟି ରୋଡ ଟ୍ରାଫିକ ସିଗନାଲ ଲାଇଟ ସିଷ୍ଟମ ଗୋଟିଏ ବ୍ଲକ ଛକ ଏବଂ ଗୋଟିଏ ନଳିନୀ ଛକଠାରେ ସ୍ଥାପନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ଜିଲାରେ ଏକ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା କରିବାକୁ ବୈଠକରେ ଆଲୋଚନା କରାଯାଇଛି। ସର୍ବୋପରି ଦୁର୍ଘଟଣା ହ୍ରାସ କରିବା ନିମନ୍ତେ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, କମିଟି ସଦସ୍ୟ, ଜିଲା ସ୍ତରୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଧାନ କାଟିଲେ ବିଧାୟକ


ଅନ୍ୟମାନଙ୍କ ସହ ବିଲରେ ବିଧାୟକ ଧାନ କାଟୁଛନ୍ତି।

**କୋକସରା,୨୭।୧୧(ଡି.ଏନ.ଏ.)**

ହାତରେ ଦାଆ ଧରି ନିଜେ ବିଧାୟକ ବିଲରେ କାଟିଲେ ଧାନ। କଳାହାଣ୍ଡି ଜିଲା ଧର୍ମଗଡ଼ ବିଧାୟକ ମୌଷଧି ବାଗ ନିଜ ଗାଁ କୋକସରା ବ୍ଲକ ମାଝୀଗୁଡାସ୍ଥିତ ନିଜ ଚାଷ ଜମିରେ ଅନ୍ୟ ମଜୁରିଆଙ୍କ ସହ ମିଶି ଶନିବାର ଧାନ କାଟୁଥିବାର ଦେଖିବାକୁ ମିଳିଥିଲା। ସେ ଚାଷୀ ପରିବାରରୁ ଆସିଥିବା ବେଳେ ଚାଷ କାମ ପ୍ରତି ତାଙ୍କର ବିଶେଷ ଦୁର୍ବଳତା ରହିଛି। ସମୟ ମିଳିଲେ ସେ ଚାଷ କାମ ବୁଝାଶୁଝା କରିବାକୁ ଭଲ ପାଆନ୍ତି। ବିଧାୟକ ହୋଇ ମଧ୍ୟ ନିଜ ବ୍ୟସ୍ତବହୁଳ ଜୀବନରୁ ସମୟ କାଢି ଧାନ କାଟିବାକୁ ଆଗେଇ ଆସିଛନ୍ତି। ଅନ୍ୟମାନଙ୍କ ସହ ଚାଷ କାର୍ଯ୍ୟରେ ସାହାଯ୍ୟ କଲେ ସେମାନଙ୍କ ମନୋବଳ ବୃଦ୍ଧି ପାଇବ ବୋଲି ବିଧାୟକ ବାଗ କହିଛନ୍ତି। ତାଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ସମ୍ବିଧାନ ସୁରକ୍ଷା ସଭିଙ୍କ କର୍ତ୍ତବ୍ୟ



ବିକାଶ ଲ ସ୍କୁଲରେ ଅନୁଷ୍ଠିତ ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ,୨୭।୧୧**

ବରଗଡ଼ ବିକାଶ ଲ ସ୍କୁଲରେ ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡଃ ବିକ୍ରମ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ସ୍କୁଲର କୋର୍ଡିନେଟର ଶିବାନନ୍ଦ ସାହୁ ଓ ଅଧ୍ୟାପକ ଜୈମିନୀ କୁମାର ସାହୁ ପରିଚାଳନା କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଦାସ ସାମ୍ବିଧାନିକ ବିଚାରଧାରା ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ପ୍ରଫେସର ଡଃ ସୁଧାଂଶୁ ରଞ୍ଜନ ମହାପାତ୍ର, ଆସିଷ୍ଟାଣ୍ଟ ପ୍ରଫେସର ଡଃ ଦିପ୍ତୀରେଖା ମହାପାତ୍ର ଯୋଗଦେଇ ସାମ୍ବିଧାନିକ ପ୍ରତିଶ୍ରୁତିର ମୂଲ୍ୟାଙ୍କନ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ବିଜିନେସ ସ୍କୁଲର ଅଧ୍ୟକ୍ଷ ଡଃ କ୍ଷୀରୋଦ ପ୍ରଧାନ ଗଣତନ୍ତ୍ରରେ ଆଇନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଲ ସ୍କୁଲର ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ଏବଂ ନୟନ ଜ୍ୟୋତି ଦାସଙ୍କ ତତ୍ତ୍ୱାବଧାନରେ କୁଇଜ ପ୍ରତିଯୋଗିତା ହୋଇଥିଲା। ଅଧ୍ୟାପିକା ରୋଜି ମେହେର, ସାଗରିକା ବିଶ୍ୱାଳ, ନୀରଜା ଅଗ୍ରୱାଲ ସହଯୋଗ କରିଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ବରଗଡ଼ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ପରିସରରେ ସମ୍ବିଧାନ ଦିବସ ପାଳିତ ହୋଇଥିଲା। ପ୍ରଫେସର ସୁଜିତ ପୃଷେଠ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନର ଗୌରବମୟ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ। ଭାରତୀୟ ସମ୍ବିଧାନ ସମସ୍ତଙ୍କୁ ସୁରକ୍ଷା ଦେଉଥିବା ବେଳେ ଏହାର ସୁରକ୍ଷା ସଭିଙ୍କ କର୍ତ୍ତବ୍ୟ ବୋଲି ପ୍ରଫେସର ପୃଷେଠ କହିଥିଲେ। ସମ୍ବିଧାନ ସୁରକ୍ଷା ମଞ୍ଚ ଆବାହକ ପବିତ୍ର ଦେହେରୀ ସ୍ୱାଗତ ଭାଷଣ ଓ ରମେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଅଲିମ ରିଜୱି, ଶିବାନନ୍ଦ ମଟାରୀ, କିଶୋର ସାହୁ, ଗୁରୁପ୍ରୀତ ସିଂ, ସ୍ୱାମୀ ଧ୍ୟାନ ଦୀପକ, ମେରିୟମ ବାର୍ଲା, ଭବାନୀ ପ୍ରସାଦ ସାହୁ, ଅମିତାଭ ପାତ୍ର, ପୌଲସ୍ତ୍ୟ ସାହା ପ୍ରମୁଖ ଉପସ୍ଥିତ ଥିଲେ।

# ବଲାଙ୍ଗୀରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ:ନରସିଂହ

**ବଲାଙ୍ଗୀର ଅଫିସ,୨୭।୧୧**

ବଲାଙ୍ଗୀରରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଲାଣି। ଦିନଦ୍ୱିପ୍ରହରେ ଲୁଟ୍‌ତରାଜ, ରାହାଜାନୀ, ହତ୍ୟା ଏକ ସାଧାରଣ ଘଟଣା ପାଲଟି ଗଲାଣି। ପୋଲିସ ଏସବୁ ଜାଣି ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ସହରର ପ୍ରତ୍ୟେକ ଗଳିକନ୍ଦିରେ ମଦ, କଫ ସିରଫ ଓ ନିଶା କାରବାର ବେଧଡକ୍ ଚାଲିଛି। ତାକୁ ରୋକିବା ପାଇଁ ଜିଲା ପୋଲିସ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସ୍ଥାନୀୟ ବିଜେଡି ନେତାମାନେ ଏସବୁ ଅସାମାଜିକ ତତ୍ତ୍ୱଙ୍କୁ ପ୍ରଚ୍ଛଦପଟରୁ ସବୁ ପ୍ରକାର ସାହାଯ୍ୟ ଯୋଗାଉଛନ୍ତି ଏବଂ ପୋଲିସ ମଧ୍ୟ ସେମାନଙ୍କର ହାତ ବାରିସୀ ସାଜିଛି ବୋଲି ଶନିବାର ଏକ ପ୍ରେସ ବିବୃତିରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଦୁଇଦିନ ପୂର୍ବରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟେ ଏକ ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତମାନେ ତାର ଲାଇଭ୍ ଭିଡିଓ ଭାଇରାଲ କରିଥିଲେ। କଳାହାଣ୍ଡି ମମିତା ମେହେର ହତ୍ୟାକାଣ୍ଡର ଅଭିଯୁକ୍ତ ଏବଂ ସମ୍ପୃକ୍ତ ଥିବା ନେତା, ମନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇବା ପାଇଁ ପୋଲିସ ସମସ୍ତ ପ୍ରକାର ପ୍ରଚେଷ୍ଟା କରୁଥିବା ଘଟଣାରୁ ଅପରାଧୀମାନେ ଆହୁରି ଉତ୍ସାହିତ ହୋଇ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପଛପଟରେ ସ୍ପଷ୍ଟ ଦିବାଲୋକରେ ଠିକ୍ ସେହିପରି ଏକ ହତ୍ୟା ଘଟାଇଛନ୍ତି। କିଛି ଦିନ ପୂର୍ବରୁ ବଲାଙ୍ଗୀର ଜିଲା ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀଙ୍କ ଗୁଣ୍ଡାମାନେ ସୋନପୁରଠାରେ ଛାତ୍ର କଂଗ୍ରେସ ନେତାମାନଙ୍କୁ ମରଣାନ୍ତ୍ରକ ଆକ୍ରମଣ କରିଥିଲେ। ଏହି ଘଟଣାରେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜି ବିଜେଡି ଦଳର ହାତବାରିସୀ ସାଜିଛି। ଆହୁରି ମଧ୍ୟ ବିଜୁ ଜନତା ଦଳର ନିର୍ବାଚନ ହାରି ଯାଇଥିବା ଜଣେ ବରିଷ୍ଠ ନେତା ଏବଂ ତାଙ୍କ ଦୁଇ ପୁଅ ଅନଧିକାର ଭାବେ ପୂର୍ବରୁ ବିଧିବଦ୍ଧ ଭାବେ ସରକାରୀ ସ୍ତରରେ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ ହୋଇସାରିଥିବା ସକମା ସ୍କୁଲ ଖେଳ ପଡିଆକୁ ପୁନଃ ଉଦ୍‌ଘାଟନ କରିଛନ୍ତି। ସେଠାରେ ସେ ଲୋକଙ୍କୁ ଭୟଭୀତ କରିବା ପାଇଁ ନିଜ ଦଳର କର୍ମୀଙ୍କୁ ନେଇ ଦଳୀୟ ସଭା କରି ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି ଲୋକଙ୍କୁ ଆହ୍ୱାନ କରିଛନ୍ତି। ଆଶ୍ଚର୍ଯ୍ୟ କଥା ଏହି ସବୁ ବେଆଇନ କାର୍ଯ୍ୟକ୍ରମ ବିରୋଧରେ ନା ସ୍କୁଲ କର୍ତ୍ତୃପକ୍ଷ ନା ବ୍ଲକ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ନେଇ ପାରୁଛନ୍ତି। ଏ ସବୁ ଘଟଣାରୁ ସ୍ପଷ୍ଟ ଜଣାପଡୁଛି ଯେ, ବଲାଙ୍ଗୀରରେ ବର୍ତ୍ତମାନ ସରକାରୀ ଦଳର ନେତା, ମନ୍ତ୍ରୀ ଏକ ଅଶାନ୍ତ ବାତାବରଣ ସୃଷ୍ଟି କରିବାରେ ଲାଗିଛନ୍ତି ଏବଂ ଏସବୁକୁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସମର୍ଥନ ଅଛି ବୋଲି ଆଲୋଚନା ହେଉଛି। କିଛି ମାସ ଭିତରେ ଅନେକ ସ୍ଥାନରେ ଦିନ ପ୍ରହରରେ ହତ୍ୟା, ଲୁଣ୍ଠନ, ଦାଦାଗିରି, ନିଶା କାରବାର ଚାଲିଥିଲେ ହେଁ ଅପରାଧିମାନଙ୍କୁ ଗିରଫ କରିବାରେ ପୋଲିସ ସେପରି କିଛି ତତ୍ପରତା ଦେଖାଉନାହିଁ। ଏପରି ଯଦି ଆଉ କିଛି ଦିନ ଚାଲେ ତେବେ ଶାନ୍ତ ବଲାଙ୍ଗୀରରେ ସାଧାରଣ ଜୀବନଯାପନ ବ୍ୟାଘାତ ହେବା ଆଶଙ୍କା ଦେଖାଦେଇଛି। ତେଣୁ ପୋଲିସ ପ୍ରଶାସନ ଆଉ ସରକାରୀ ଦଳର ହାତବାରିସୀ ନ ସାଜି ଲୋକଙ୍କ ସେବାରେ ମନପ୍ରାଣ ଦେଉ ବୋଲି ବିଧାୟକ ମିଶ୍ର କହିଛନ୍ତି।

# ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦିଅ

**ବରଗଡ଼ ଅଫିସ,୨୭।୧୧**

ବରଗଡ଼ ସମତା ଭବନରେ ଶନିବାର ଜୟ କିଷାନ ଆନ୍ଦୋଳନ ଜିଲା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ଶିବ ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚାଷୀ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ୩କୃଷି ଆଇନ ରଦ୍ଦ ଘୋଷଣା ଏବଂ ଆସନ୍ତା ୨୯ରେ ସଂସଦ ଅଧିବେଶନରେ ତତ୍‌ସଂକ୍ରାନ୍ତୀୟ ସାମ୍ବିଧାନିକ ପ୍ରକ୍ରିୟା ଆରମ୍ଭ କରାଯିବା ନିଷ୍ପତ୍ତି ପୃଷ୍ଠଭୂମିରେ ଆସନ୍ତା ୩୦ତାରିଖରେ ବରଗଡ଼ରେ ଜୟ କିଷାନ ଆନ୍ଦୋଳନ ତରଫରୁ ବିଜୟ ଶୋଭାଯାତ୍ରା ପାଇଁ ସ୍ଥିର କରାଯାଇଥିଲା। ଅନ୍ୟପଟେ ସଂଯୁକ୍ତ କିଷାନ ମୋର୍ଚ୍ଚା ନିଷ୍ପତ୍ତିକ୍ରମେ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ଦର (ଏମ୍‌ଏସ୍‌ପି)କୁ ଆଇନଗତ ମାନ୍ୟତା ପ୍ରଦାନ ଦାବିରେ ଆନ୍ଦୋଳନ ଜାରି ରଖିବା ସଂକଳ୍ପକୁ ସ୍ୱାଗତ କରାଯାଇଥିଲା। ବୈଠକରେ ଧାନ ବିକ୍ରିବଟା ସମସ୍ୟା, ମରୁଡ଼ି ଅଞ୍ଚଳର କୃଷକମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଆବଶ୍ୟକ ପଡ଼ିଲେ ଠିକ୍ ସମୟରେ ଆନ୍ଦୋଳନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଶ୍ଚିମଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ହର ବଣିଆ, ମହେଶ ପ୍ରଧାନ, ସୁରେନ୍ଦ୍ର ମେହେର, କିଶୋର ସାହୁ, ରମେଶ ମହାପାତ୍ର, ଗଜାନନ ସାହୁ, ଜିତୁ ଦେହେରୀ, ଲକ୍ଷ୍ମଣ ସୁନା, ସରୋଜ ପ୍ରଧାନ, ଲଳିତ ପ୍ରଧାନ, ସୁମନ୍ତ ସାହୁ, ଦୁର୍ଗାପ୍ରସାଦ ବାରିକ, ମୁନକୁ ସାହୁ, ନିମାଇଁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଧାରଣାରୁ ଉଠିଲେ ଆର୍‌ଏମ୍‌ସି କର୍ମଚାରୀ

**ବରଗଡ଼ ଅଫିସ,୨୭।୧୧**

ବରଗଡ଼ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଫିସ ଆଗରେ ଗୁରୁବାରଠାରୁ ଧାରଣାରେ ବସିଥିବା ଠିକା କର୍ମଚାରୀମାନେ ଶନିବାର ଅପରାହ୍ନ ୨ଟାରେ ଧାରଣାରୁ ଉଠିଛନ୍ତି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ଆର୍‌ଏମ୍‌ସି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ଧାରଣାସ୍ଥଳକୁ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରିଥିଲେ। କର୍ମଚାରୀଙ୍କ ଦାବି ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଠିକା କର୍ମଚାରୀମାନେ ଧାରଣାରୁ ଉଠିଥିଲେ। ରବିରତ୍ନ ସାହୁ, ନିମେଇଁ କୁଅଁର, ପରେଶ ଖମାରୀ, ଚିତ୍ତରଞ୍ଜନ ପଟ୍ଟନାୟକ, ଧିରେନ୍ଦ୍ର ଦାଶ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ, ବରଗଡ଼ ଆର୍‌ଏମ୍‌ସିରେ କାର୍ଯ୍ୟରତ ୩୬ଜଣ ଠିକା କର୍ମଚାରୀ ନିଯୁକ୍ତି ପାଇବାର ୧୩ବର୍ଷ ପରେ ସ୍ଥାୟୀ ହୋଇ ପାରି ନାହାନ୍ତି। ସେମାନଙ୍କୁ ରାଜ୍ୟ ସରକାରଙ୍କ ଘୋଷିତ ବର୍ଦ୍ଧିତ ଦରମା ମଧ୍ୟ ମିଳୁନାହିଁ। ଏ ନେଇ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ସେମାନେ ଧାରଣାରେ ବସିଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବି, ମନ୍ତ୍ରୀଙ୍କୁ ବିରୋଧ ଚେତାବନୀ

**ଭାଜପା ନଗର ସଭାପତିଙ୍କୁ ମନ୍ତ୍ରୀ ସମର୍ଥକଙ୍କ ମାଡ ଘଟଣା**

**ସୋନପୁର,୨୭।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଗତ ୨୫ ତାରିଖରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଥିଲା। ଏଥିରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଦ୍ମନାଭ ବେହେରା ଓ ସୁଶାନ୍ତ ସିଂ ଯୋଗ ଦେଇଥିଲେ। ସୋନପୁର ବଡବଜାର ସ୍କୁଲ ନିକଟରେ ଭାଜପା ନଗର ସଭାପତି ଜଗତ୍‌ଜ୍ୟୋତି ତ୍ରିପାଠୀ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ ସ୍ୱରୂପ ମନ୍ତ୍ରୀଙ୍କୁ କଳାପତାକା ଦେଖାଇଥିଲେ। ତେବେ ବିଜେଡି ସମର୍ଥକମାନେ ଭାଜପା ନେତା ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସହିତ ବରଗଡରୁ ଆସିଥିବା ଯୁବକମାନେ ଏହି ମାରପିଟ୍ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଶନିବାର ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଦଳ ପକ୍ଷରୁ ଏହି ଘଟଣାକୁ ନିନ୍ଦା କରାଯିବା ସହ ଥାନାରେ ତ୍ରିପାଠୀଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ପାଇଁ ଦାବି ହୋଇଛି। ନଚେତ ଜିଲାସ୍ତରରେ ଭାଜପା ଆନ୍ଦୋଳନ କରିବ ବୋଲି କହିଛି। ସୁବର୍ଣ୍ଣପୁର ଜିଲାରେ ରାଜନୈତିକ ପ୍ରତିହିଂସା ନଥିଲା। ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ପାଇଁ ଏଭଳି ନିନ୍ଦନୀୟ ଘଟଣା ଘଟିଛି। ଜିଲା ଭାଜପା ଗଣତାନ୍ତ୍ରିକ ଉପାୟରେ ମନ୍ତ୍ରୀଙ୍କୁ ବିରୋଧ କରିବ। ମନ୍ତ୍ରୀ ଜିଲା ଗସ୍ତ କଲେ ଭାଜପା କର୍ମୀ ଉପଯୁକ୍ତ ଜବାବ ଦେବେ। ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର କହିଥିଲେ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡର କାରଣ ଉନ୍ମୋଚନ କରିବା ବଦଳରେ ପ୍ରମାଣ ନଷ୍ଟ ପାଇଁ ରାଜ୍ୟ ସରକାର ବ୍ୟସ୍ତ ଅଛନ୍ତି। ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହିତ ଗୃହ ରାଜ୍ୟ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ନିବିଡ ସମ୍ପର୍କ ରହିଛି। ତେଣୁ ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ମନ୍ତ୍ରୀ ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ପାଇଁ ଭାଜପା ଦାବି କରି ଆସୁଛି। ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପୂଜାରୀ, ଇଂ ରଘୁନାଥ ଜଗଦଳା, ବିଜୟ ମହାକୁର, ମୁରୁରାମ ମେଣ୍ଡଲି, ସୁନିତା ଗିରି, ଶରତ କୁମାର ଶତପଥୀ, ଅଶୋକ ପୃଷ୍ଟି ଓ ଜଗତଜ୍ୟୋତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ସୂଚନା ଦେଉଛନ୍ତି।

# ବିଭିନ୍ନ ସ୍ଥାନରେ ସମ୍ବିଧାନ ଦିବସ

**ଅମରପାଲି,୨୭।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବୀରମହାରାଜପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ମୁରଲୀଧର ହୋତାଙ୍କ ସଭାପତିତ୍ୱରେ ସମ୍ବିଧାନ ଦିବସ ପାଳନ ହୋଇଥିଲା। ଆୟୋଜିତ ସଭାରେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଦୀନବନ୍ଧୁ ମେହେର, ଇଂଲିଶ ବିଭାଗ ପ୍ରାଧ୍ୟାପିକା ଗୀତାଞ୍ଜଳୀ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇଂରାଜୀ ଅଧ୍ୟାପକ ବିଜୟ କୁମାର ପୁରୋହିତ, ଓଡ଼ିଆ ଅଧ୍ୟାପକ ପ୍ରକାଶ କୁମାର ସେଠ, ଅଧ୍ୟାପିକା ଯାମିନୀ ଦାଶ, ସୀମାରାଣୀ ବେହେରା, ସାଗରିକା ବିଶି, ବିପିନ ଖମାରୀ ସମ୍ବିଧାନ ଦିବସର ଗୁରୁତ୍ୱ ଓ ଭାରତର ସମ୍ବିଧାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

**ଡୁଙ୍ଗୁରିପାଲି,(ଡି.ଏନ.ଏ.):** ଡୁଙ୍ଗୁରିପାଲି ବ୍ଲକ ଏସ ରାମପୁର ଶ୍ରୀରାମ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସମ୍ବିଧାନ ଦିବସ କଲେଜ ପରିସରରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ଶରତଚନ୍ଦ୍ର ପଧାନ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ 'ସମ୍ବିଧାନ ଓ ତାର ଆଭିମୁଖ୍ୟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସିକିମ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ.ଶଙ୍କର ନାରାୟଣ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡ. ଗୁଣନିଧି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ରବି ନାରାୟଣ ତ୍ରିପାଠୀ ସମ୍ବିଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ବିଧାନ ପ୍ରସ୍ତାବନାକୁ ଅତିଥିମାନେ ଉନ୍ମୋଚନ କରିଥିଲେ।

# ଆବାସ ଯୋଜନା ସାତସପନ

**ଭଙ୍ଗାଘରେ ବିତୁଛି ଦୁର୍ବିଷହ ଜୀବନ**

**ବିନିକା,୨୭।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭବାନୀପାଲି କେଉଁଟ ପଡାରେ ରୁହନ୍ତି ଗୀତାଳୀ ନାଏକ (୪୬)। ଅଢେଇ ବର୍ଷ ଆଗରୁ ସ୍ୱାମୀ ସୁରେଶ ନାଇକ ଆରପାରିକୁ ଚାଲି ଯାଇଛନ୍ତି। ଏକମାତ୍ର ପୁଅ ସୌରଭ (୧୩)ର ମୁହଁକୁ ଚାହିଁ ଦିନ କାଟୁଛନ୍ତି ଗୀତାଳୀ। ଆବାସ ଯୋଜନାରେ ଘର ପାଇବା ପାଇଁ ବହୁବାର ଆବେଦନ କରି ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ ହେଁ ଏଯାଏ ତାହା ସରକାରୀ କଳର ନାଳିଫିତା ତଳେ ପଡିରହିଛି।

ଅପରପକ୍ଷରେ ସ୍ୱାମୀ ଚାଲିଯିବା ପରେ ଦିନକୁ ଦୁଇ ଓଳା ଖାଇବା କଷ୍ଟକର ହୋଇପଡିଛି। ଜମିବାଡି କିଛି ନାହିଁ। ସରକାରୀ ସାହାଯ୍ୟ କହିଲେ ମାସିକ ମିଳୁଛି ୫ ଶହ ଭତ୍ତା। ଫଳରେ ପୁଅ କେମିତି ପାଠ ପଢିବ ସେହି ଚିନ୍ତା ଘାରିଛି। ଗୀତାଳୀ କହିବା ଅନୁଯାୟୀ, ଆବାସ ଯୋଜନାରେ ସାମିଲ ହେବା ପାଇଁ ବହୁବାର ସେ ଆବେଦନ କରିଛନ୍ତି। ମାତ୍ର ତାଙ୍କ ନାମ ଏସିସିସି ତାଲିକାରେ ସ୍ଥାନିତ ହେଉ ନ ଥିବାରୁ ଘର ପାଇବାରୁ ବଞ୍ଚିତ ହୋଇଛନ୍ତି। ଭଙ୍ଗା ଦଦରା ଘରେ ବାଧ୍ୟ ହୋଇ ମୁଣ୍ଡ ଗୁଞ୍ଜିବାକୁ ପଡୁଛି। ଘର ଅବସ୍ଥା ଏତେ ଶୋଚନୀୟ ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗି ପଡିବାର ଆଶଙ୍କା ରହିଛି। ସେହିପରି ସୌରଭ ଜଣେ ମେଧାବୀ ଛାତ୍ର ହୋଇଥିବା କାରଣରୁ ତାଙ୍କୁ ଆଦର୍ଶ ବିଦ୍ୟାଳୟରେ ସ୍ଥାନ ମିଳିଛି। ମାତ୍ର ପୁଅ ହଷ୍ଟେଲରେ ରହି ପଢିବା ଖର୍ଚ୍ଚ ବାବଦକୁ ମାସିକ ୪ ହଜାର ଟଙ୍କା ଆବଶ୍ୟକ ହେଉଛି। ଏତେ ଟଙ୍କା କେଉଁଠୁ ଆଣିବେ ତାହା ମୁଖ୍ୟ ସମସ୍ୟା ହୋଇଛି। ଜିଲା ପ୍ରଶାସନ ଏହି ଗରିବ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ସହ ସୌରଭର ପାଠ ପଢା ଖର୍ଚ୍ଚ ବହନ କରିବାକୁ ଗୀତାଳୀ ଆକୁଳ ନିବେଦନ କରିଛନ୍ତି।


ପୁଅ ସହ ଗୀତାଳୀ।

# ପୂଜକ ଭାଇ ବିବାଦରେ ପାଟଣେଶ୍ୱରୀ ମନ୍ଦିରରେ ବିଶୃଙ୍ଖଳା

**ମଝିଆ ଭାଇ ବିରୋଧରେ ଅଭିଯୋଗ ଆଣିଲେ ଦୁଇଭାଇ**

**ବଲାଙ୍ଗୀର ଅଫିସ, ୨୭।୧୧**

ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀଙ୍କ ମନ୍ଦିର ପୂଜକ ତିନିଭାଇଙ୍କ ପାରିବାରିକ କନ୍ଦଳରୁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ତିନିଭାଇଙ୍କ ମଧ୍ୟରୁ ବଡ ଓ ସାନଭାଇ ଶନିବାର ପ୍ରେସ୍‌ମିଟ୍ କରି ମଝିଆ ଭାଇ ବିରୋଧରେ ଅଭିଯୋଗ ଆଣିଛନ୍ତି। ଦେବୋତ୍ତର କମିଶନଙ୍କ ନିର୍ଦ୍ଦେଶ ମୁତାବକ ବାପାଙ୍କ ମୃତ୍ୟୁ ପରେ ତିନି ଭାଇ ପ୍ରତ୍ୟେକେ ୪ ମାସ ଧରି ପୂଜା କରୁଥିଲେ। ତେବେ ମଝିଆ ଭାଇ ସମସ୍ତ ପୂଜା ପାଳି ହାତେଇବା ପାଇଁ ଷଡଯନ୍ତ୍ର କରି ମନ୍ଦିରରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଦୁଇଦିନ ପୂର୍ବରୁ କେଶରିଆ ହିନ୍ଦୁବାହିନୀ ପୂଜକ ସାନଭାଇ ଇସ୍କନ ଧର୍ମାବଲମ୍ବୀ ହୋଇଥିବାରୁ ମନ୍ଦିର ପୂଜା ବୋଲି ପଟଣେଶ୍ୱରୀ ମନ୍ଦିର ସମ୍ମୁଖରେ ଧାରଣା ଦେଇଥିଲେ। ଏହାପରେ ପୂଜକ ବଡଭାଇ ମଳୟ କୁମାର ଦାଶ୍ରୀ ଓ ସାନଭାଇ ମଧୁସୂଦନ ଦିଶ୍ରୀ ଶନିବାର ପ୍ରେସମିଟ୍ କରି ଏହା ମଝିଆ ଭାଇର ଷଡଯନ୍ତ୍ର ବୋଲି କହିଛନ୍ତି। ଇସ୍କନ କୌଣସି ଭିନ୍ନ ଧର୍ମ ନୁହେଁ ଏହା ମଧ୍ୟ ହିନ୍ଦୁଧର୍ମ ବୋଲି ମଧୁସୂଦନ କହିଥିଲେ। ପାରିବାରିକ କନ୍ଦଳକୁ ନେଇ ପାଟଣେଶ୍ୱରୀ ମନ୍ଦିରରେ ମଝିଆ ଭାଇ ବିଶୃଙ୍ଖଳା ସୃଷ୍ଟି କରୁଛି ବୋଲି ଦୁଇଭାଇ ପ୍ରେସ୍‌ମିଟ୍‌ରେ ଅଭିଯୋଗ କରିଥିଲେ। ଏନେଇ ମଝିଆ ଭାଇଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପୂର୍ବରୁ ପାଟଣେଶ୍ୱରୀ ମନ୍ଦିରରେ ଅଗ୍ନିକାଣ୍ଡ ଘଟିଥିଲା। ଏହାକୁ ନେଇ ମଧ୍ୟ ପୂଜକ ଭାଇମାନେ ପରସ୍ପର ବୟାନବାଜି କରିଥିଲେ। ତେବେ ପୂଜକ ଭାଇଙ୍କ ବିବାଦ ଘଟଣାକୁ ନେଇ ଶ୍ରଦ୍ଧାଳୁମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ଛାତ୍ର କଂଗ୍ରେସରେ ଯୋଗଦେଲେ ୧୫ରୁ ଉର୍ଦ୍ଧ୍ୱ ସଦସ୍ୟ

ଭବାନୀପାଟଣା,(ସ୍ୱ.ପ୍ର): ଭବାନୀପାଟଣା କଂଗ୍ରେସ ବିଧାୟକ ପ୍ରାର୍ଥୀ ତଥା ଯୁବନେତା ସାଗର ଚରଣ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶନିବାର ପଲନା ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ଛାତ୍ର କଂଗ୍ରେସରେ ଯୋଗ ଦେଇଛନ୍ତି। ଛାତ୍ର କଂଗ୍ରେସର ସଭାପତି ସୁଶାନ୍ତ କୁମାର ପ୍ରଧାନୀ ଓ ଉପସଭାପତି ଗଣେଶ୍ୱର ଛତ୍ରିଆଙ୍କ ଉପସ୍ଥିତିରେ ବିଶିକେଶନ ମାଝୀ, ଯୋଗେନ ରଣା, ହେମନ୍ତ ଚଲାଣ, ସୁରେନ୍ଦ୍ର ଗହୀର, ଗୋବର୍ଦ୍ଧନ ଚଲାଣ, ସନ୍ତୋଷ ମାଝୀ ଛାତ୍ର କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନୀ ଏମାନଙ୍କ ଯୋଗଦାନ ଛାତ୍ର କଂଗେସ ସଂଗଠନକୁ ଆହୁରି ସୁଦୃଢ଼ କରିବ ବୋଲି କହିଛନ୍ତି।

# ଘାରିଲା ଫସଲ ସୁରକ୍ଷା ଚିନ୍ତା

**ଲୋଇସିଂହା,୨୭।୧୧(ଡି.ଏନ.ଏ.)**



ଅମଳ ଧାନ ଖାଇଯାଇଥିବା ଖଳାରେ ଛେଲବାହାଲ ଗାଁର ଚାଷୀମାନେ।

- ଅମଳ ବେଳେ ଧାନ ଉଜାଡ଼ିଲେ ହାତୀପଲ
- ହାତୀ ଘଉଡାଇବାକୁ ନିଆଁହୁଳା ଧରି ଚାଷୀ ରାତି ଉଜାଗର
- ସହାୟତା ପାଇଁ କ୍ଷତିଗ୍ରସ୍ତ ଚାଷୀ ଅନଲାଇନରେ ଆବେଦନ କରନ୍ତୁ:ଫରେଷ୍ଟର

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଚାଷୀଙ୍କ ହୋସ୍ ଉଡାଇଛି। ଧାନ ଅମଳରେ ଲାଗିଥିବା ଚାଷୀ ହାତୀ ଉପଦ୍ରବ ଯୋଗୁ କିପରି ଫସଲକୁ ସୁରକ୍ଷା ଦେବ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛି। ରାତି ଉଜାଗର ରହି, ନିଆଁହୁଳା ଦେଖାଇ ହାତୀପଲ ଘଉଡାଇବା କାମରେ ଲାଗିଛି। ହେଲେ ଖାଦ୍ୟ ସନ୍ଧାନରେ ଜଙ୍ଗଲରୁ ବାହାରି ଆସୁଥିବା ହାତୀ ବହୁ ସମୟରେ ଭୟଙ୍କର ହୋଇ ଯାଉଥିବାରୁ ଚାଷୀମାନେ ଅତଙ୍କିତ ହୋଇ ପଡୁଛନ୍ତି। ଚାଷୀଙ୍କୁ ହାତୀ ଘଉଡାଇବାରେ ବନ ବିଭାଗର ସହାୟତା ବିଶେଷ ଫଳପ୍ରଦ ହେଉଥିଲା ଭଳି ମନେ ହେଉନାହିଁ।

ରମାଇ ଜଙ୍ଗଲରୁ ଆସିଥିବା ହାତୀପଲ ଶୁକ୍ରବାର ରାତିରେ ବ୍ଲକ ଅନ୍ତର୍ଗତ ଭାଲୁପାଲି, ଭାଲିଆମୁଣ୍ଡା, ଅଗଲାପାଲି, ଛେଲବାହାଲ, କେଉଁଟପାଲିରେ ଫସଲ କ୍ଷତି କରିଛନ୍ତି। ପଲରେ ଥିବା ୧୪ରୁ ୧୫ଟି ହାତୀ ଭାଲୁପାଲି ମୌଜାରେ ଥିବା ଯୋଗୀସର୍ଡା ଗ୍ରାମର ଲାଲ କ୍ଷେତିଙ୍କ ୨ଏକରର ଧାନଖରିକୁ ଖାଇ ନଷ୍ଟ କରିଥିଲେ। ସେହିପରି ଭାଲୁପାଲିର ଦୀପ ଚୌହାନ, ଶରତ ଚୌହାନ ଏବଂ ଇନ୍ଦ୍ରଜିତ ଚୌହାନଙ୍କ ଧାନ ଫସଲ କ୍ଷତି ହୋଇଛି। ଭାଲିଆମୁଣ୍ଡାର ସୁନୁ ପଧାନ ଏବଂ ଚୂଡାମଣୀ ନାଏକଙ୍କ ଖେତରେ ପଡିଥିବା କଟା ଧାନ ଖାଇବା ସହ ମାଡିଚକଟି ନଷ୍ଟ କରିଛନ୍ତି। ଏଠାରେ ଚାଷୀ ସୁନୁ ପଧାନଙ୍କ ଜମିରେ ଥିବା କୂଆରେ ଏକ ଛୋଟ ହାତୀ ପଡି ଯାଇଥିଲା । ପରେ ତାକୁ ହାତୀପଲ କୌଣସିମତେ ଉଦ୍ଧାର କରିଥିବା ପାରିପାର୍ଶ୍ୱିକସ୍ଥିତିରୁ ଜଣାପଡିଥିବା ବନ କର୍ମଚାରୀଙ୍କ ସୂତ୍ରରୁ ଜଣାପଡିଛି। ସେଠାରୁ ହାତୀପଲ ବୁର୍ଡା-ମେଣ୍ଡା ପିଡବ୍ଲୁଡି ରାସ୍ତା ପାର ହୋଇ ଅପରପାର୍ଶ୍ୱ ଅଗଲାପାଲି ସୀମାନ୍ତ ଚାଷଜମିକୁ ଯାଇ ଦିଲୀପ ସାହୁ ଏବଂ ତାଙ୍କ ଭାଇଙ୍କ ପ୍ରାୟ ୪ରୁ ୫ଏକର ଅମଳ ଧାନ କେଟାକୁ ନଷ୍ଟ କରିଛନ୍ତି। ସେହିପରି ଯୋଗୀସର୍ଡା ମାହାରପାଲି ମୌଜାର ଥିବା ଛେଲବାହାଲ ଗ୍ରାମର ଦେବକୀ କର୍ମୀଙ୍କ ଦେଢ ଏକର, ଡାକ୍ତର କର୍ମୀଙ୍କ ୧ ଏକର, ବୁଦ୍ଧିମନ୍ତ କର୍ମୀଙ୍କ ଏକ ଏକର, ସଦା ପୋଢ଼, ଭାଗଚାଷୀ ସୁରୁ ବାଗ, ଚକ୍ର ପଣ୍ଡାଙ୍କ ଧାନ ଫସଲ ହାତୀପଲ ଉଜାଡିଥିବା ସମ୍ପୃକ୍ତ ଚାଷୀମାନେ ଅଭିଯୋଗ କରିଛନ୍ତି। ଚିତାଡୁଙ୍ଗରୀର ନିଳମଣୀ ସୁନା ଓ ଛାୟାକାନ୍ତ ସୁନା ଖଳାରେ ଅମଳ କରି ରଖିଥିବା ୭୦ ପ୍ୟାକେଟ ଧାନକୁ ହାତୀପଲ ଖାଇବା ସହ ଓ ଫିଙ୍ଗି ଫୋପାଡି ନଷ୍ଟ କରିଦେଇଛନ୍ତି। ବାଦିବାହାଲ ଓ ଭାଲୁପାଲି ଗ୍ରାମର ଲୋକେ ନିଆଁହୁଳା ଏବଂ ଘଣ୍ଟବାଦ୍ୟ ବଜାଇ ହାତୀପଲ ଘଉଡାଇ ଥିଲେ। କ୍ଷତିଗ୍ରସ୍ତ ଚାଷୀମାନେ ଅନୁକମ୍ପାମୂଳକ ସହାୟତା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ କରିବାକୁ ଫରେଷ୍ଟର ଠଣସୁନ୍ଦର ଧରୁଆ କହିଛନ୍ତି।

## ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଜେଲ ଗଲେ ଯୁବକ

**କୋକସରା,୨୭।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ପରେ ସମ୍ପୃକ୍ତ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁସାରେ, ମହିଳା ଜଣକ ଗତ ୨୪ତାରିଖ ରାତିରେ ଏକୁଟିଆ ଥିବା ସୁଯୋଗ ନେଇ ଭାଗିରଥି ଦୁଣ୍ଡକିଆ(୩୦) ତାଙ୍କ ଘରେ ପଶି ବଳାତ୍କାର କରିଥିଲେ। ଏ ନେଇ ପୀଡିତା କୋକସରା ଥାନାରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଏକ ମାମଲା(୨୫୦/୨୧)ରୁଜୁ ହୋଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଗୋପବନ୍ଧୁ ନାଏକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଭାରସାମ୍ୟ ହରାଇ ଦୋକାନରେ ପଶିଲା ଟ୍ରକ୍



**ତରଭା ୨୭।୧୧(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ତିଲେଇମାଲ ଛକରେ ଭାରସାମ୍ୟ ହରାଇ ଏକ ଟ୍ରକ ରାସ୍ତାପାର୍ଶ୍ୱରେ ଥିବା ଦଶରଥ ଭୁଏଙ୍କ ତେଜରାତି ଦୋକାନରେ ପଶିଯାଇଥିଲା। ଏହି ସମୟରେ ଦୋକାନୀ ଭୁଏ ଓ ଗ୍ରାହକ ଦୌଡି ପଳାଇ କୌଣସିମତେ ଜୀବନ ବଞ୍ଚାଇ ଥିଲେ। ତେବେ ସେମାନେଙ୍କ ମଧରୁ କେତେଜଣ ଖଣ୍ଡିଆ ଖାବରା ହୋଇଛନ୍ତି। ବୁର୍ଡା ପଟରୁ ଓଆର ୦୫ ଡି ୩୭୮୬ ଏକ ଟ୍ରକ ଲଛିପୁର ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟାଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି।। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ମେଣ୍ଡା ଫାଣ୍ଡି ଅଧିକାରୀ ସଞ୍ଜିବ ବସ୍ତିଆ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ।

### ବିଏସ୍‌କେୱାଇ ହେଲ୍‌ଥ ସ୍ମାର୍ଟକାର୍ଡ ବଣ୍ଟନ

**ତରଭା ୨୭।୧୧(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତରେ ସରପଞ୍ଚ ପଦ୍ମିନୀ କର୍ଣ୍ଣଙ୍କ ସଭାପତିତ୍ୱରେ ବିଏସ୍‌କେୱାଇ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ସରୋଜ କର୍ଞ୍ଚ, ପ୍ରବୀଣ ନାଗ ପ୍ରମୁଖ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ପିଇଓ ଅଣାକାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କମସରାରେ ସରପଞ୍ଚ ଲଳିତ ଗୁରୁଙ୍କ ଅଧକ୍ଷତାରେ ସ୍ମାର୍ଟକାର୍ଡ ବଣ୍ଟନ କରାଯାଇଥିଲା । ଚାରଭଟାରେ ସରପଞ୍ଚ ପ୍ରଭାତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମାର୍ଟ କାର୍ଡ ବଣ୍ଟନ ଉତ୍ସବରେ ମୁଖ୍ୟଅତିଥି ଉପଜିଲାପାଳ ନିହାର ରଞ୍ଜନ କହଁର, ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ, ଜିଲା ପରିଷଦ ସଭ୍ୟ କର୍ଞ୍ଚ ଓ ନାଗ, ସମିତି ସଭ୍ୟ ସୁଦେସ୍ନା ପାତ୍ର ଉପସ୍ଥିତ ଥିଲେ। ବାଲିଖମାର ପଞ୍ଚାୟତରେ ସରପଞ୍ଚ ବିଭସ୍ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ମାର୍ଟକାର୍ଡ ବଣ୍ଟନ ଉତ୍ସବରେ ଉପଜିଲାପାଳଙ୍କ ସମେତ ସମସ୍ତ ଅତିଥି ଉପସ୍ଥିତ ଥିଲେ। ସେହିପରି ମରାଡୁଗୋଛା ପଞ୍ଚାୟତରେ ସରପଞ୍ଚ ଲଳିତା କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସ୍ମାର୍ଟକାର୍ଡ ବଣ୍ଟନ ଉତ୍ସବରେ ଉଭୟ ଜିଲା ପରିଷଦ ସଭ୍ୟ ଯୋଗଦେଇ ଥିଲେ ।

### ଗ୍ୟାସ୍ ଦୋକାନରେ ନିଆଁ ଲାଗି ଦୁଇ ଗୁରୁତର

**ବୌଦ୍ଧ,୨୭।୧୧(ସ୍ୱ.ପ୍ର.):** ଶନିବାର ବୌଦ୍ଧ ବସଷ୍ଟାଣ୍ଡ ସମ୍ମୁଖରେ ଥିବା ଏକ ଗ୍ୟାସ ସାମଗ୍ରୀ ଦୋକାନରେ ନିଆଁ ଲାଗି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ମୁତାବକ, ବସଷ୍ଟାଣ୍ଡ ସମ୍ମୁଖରେ ରାମଚନ୍ଦ୍ର ମିଶ୍ରଙ୍କ ଗ୍ୟାସ ଦୋକାନ ରହିଛି । ସନ୍ଧ୍ୟାରେ ଏକ ରନ୍ଧନ ଗ୍ୟାସ ସିଲିଣ୍ଡରରେ ଗ୍ୟାସ ଭର୍ତ୍ତି କରାଯିବା ବେଳେ କୌଣସି କାରଣରୁ ହଠାତ୍ ସେଥିରେ ନିଆଁ ଲାଗି ଯାଇଥିଲା। ଫଳରେ ଦୋକାନ ମାଲିକ ବୌଦ୍ଧ ବଗିଚାସାହିର ରାମଚନ୍ଦ୍ର(୬୦)ଙ୍କ ସମେତ ପାଢ଼ି ସାହିର ପ୍ରୀତୀଶ ପୁରୋହିତ(୨୦) ଆହତ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରାଯାଇ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୌଦ୍ଧ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ହେଲ୍‌ଥ କାର୍ଡ ବଣ୍ଟନ

**ବାଉଁଶୁଣୀ,୨୭।୧୧(ଡି.ଏନ.ଏ.):** ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ ହୋଇଛି। ବ୍ଲକ ସହକାରୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ସିଂ ଏହାର ଶୁଭାରମ୍ଭ କରିଥିଲେ । ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣବନ୍ଧୁ ପ୍ରଧାନ, ବାଉଁଶୁଣୀ ପଞ୍ଚାୟତର ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ଆଶାକର୍ମୀ, ଦିଲୀପ କ୍ଷେତି, ମନୋଜ ମେହେର କାର୍ଡ ବଣ୍ଟନ କରିଥିଲେ । ଅଁଳାପାଲି, ବହିରା, ଗୁନ୍ଦୁଲିଆ, ଗୋଛାପଡା, ତାଲସରଡା, ମୁର୍ଶୁଣ୍ଡ, ମୁଣ୍ଡିପଦର, ତେଲିବନ୍ଧ, ବଘିଆପଡା, କସୁରବନ୍ଧ, ରକ୍ସା, ଖଲିଆପାଲି, ଶଗଡ଼ା, ମନୁପାଲି, ଆମ୍ବଝରୀ, ବଡିଗାଁ, ପଦ୍ମନପୁର, ଲକ୍ଷ୍ମୀ ପ୍ରସାଦ, ମୁଣ୍ଡାପଡା, ଖୁଣ୍ଟବନ୍ଧ ପଞ୍ଚାୟତରେ ସ୍ମାର୍ଟକାର୍ଡ ବଣ୍ଟନ କରାଯାଇଛି।

## କୃଷକ ଆନ୍ଦୋଳନର ଏକବର୍ଷ ପୂର୍ତ୍ତି ପାଳନ

**ବଲାଙ୍ଗୀର ଅଫିସ,୨୭।୧୧**

**ଜିଲାପାଳ ଅଫିସ ସମ୍ମୁଖରେ ଚାଷୀଙ୍କ ଧାରଣା**

ସଂଯୁକ୍ତ କିଷାନ ମୋର୍ଚ୍ଚାର ଐତିହାସିକ କୃଷକ ଆନ୍ଦୋଳନର ଏକ ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଜୟ କିଷାନ ଆନ୍ଦୋଳନ,ଏଆଇକେକେଏମଏସ, କୃଷକ ସଂଘର୍ଷ ଅଧିକାର ମଞ୍ଚ ଓ କୃଷକ ସେନା ପକ୍ଷରୁ ମିଳିତ ଧାରଣା ଦିଆଯାଇଥିଲା।ଧାରଣା ସ୍ଥଳରେ ପ୍ରଥମେ ସଂଯୁକ୍ତ କିଷାନ ମୋର୍ଚ୍ଚା ଡାକରାରେ ଦିଲ୍ଲୀରେ ଚାଲିଥିବା ଆନ୍ଦୋଳନରେ ସହୀଦ ୭୫୦ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଜୟ କିଷାନ ଆନ୍ଦୋଳନ ଆବାହକ ସତ୍ୟ ବନଛୋରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଧାରଣା କାର୍ଯ୍ୟକ୍ରମରେ ତିନି କୃଷି ଆଇନ ପ୍ରତ୍ୟାହାର ସମ୍ପର୍କରେ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଯେତେଦିନ ପର୍ଯ୍ୟନ୍ତ ପାର୍ଲିଆମେଣ୍ଟରେ ଏ ସଂକ୍ରାନ୍ତ ଆଇନ ପାରିତ ନ ହୋଇଛି ସେତେ ଦିନ ସଂଗ୍ରାମ ଜାରି ରହିବ ବୋଲି ବକ୍ତାମାନେ କହିଥିଲେ। ଏହାସହିତ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟର ଆଇନଗତ ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଶେଷରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜୟ କିଷାନ ଆନ୍ଦୋଳନର ଆବାହକ ମଣ୍ଡଳୀର ବାଳକୃଷ୍ଣ ଷାଣ୍ଢ, ବ୍ୟାସଦେବ ଥନାପତି, ସୌରୀ କୁମାର ସାହୁ, ଜଗନ୍ନାଥ ମାହାଣା, ଏଆଇକେକେଏମଏସ ସଭାପତି ସୁନୀଲ ଭୋଇ, ବିକାଶ ଜେନା, ଚୁନା ମିଶ୍ର, ଆଇନଜ୍ଞ ଅନନ୍ତ ବିଶ୍ୱାଳ, ରାଜେଶ ବଗର୍ତ୍ତୀ, କପିଳ କୁମ୍ଭାର ବକ୍ତବ୍ୟ ରଖିଥିଲେ।

## ପୋଲ ଉପରେ ଗର୍ତ୍ତ, ମରାମତି ଦାବି

**କୋକସରା,୨୭।୧୧(ଡି.ଏନ.ଏ)**



ପୋଲରେ ହୋଇଥିବା ଗାତ ।

କଳାହାଣ୍ଡି ଜିଲା ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୋକସରା ବ୍ଲକ ବଙ୍ଗୋମୁଣ୍ଡାରୁ ଟେମରାକୁ ସଂଯୋଗ କରୁଥିବା ରାସ୍ତାର ବଙ୍ଗୋମୁଣ୍ଡା ଗାଁ ପାଖ ପୋଲରେ ଏକ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତା ଦେଇ ଯାତାୟତ କରୁଥିବା ଗାଡିଚାଳକ ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ଅନୁସାରେ କୋକସରା ଜାତୀୟ ରାଜପଥ ୨୬ ବଙ୍ଗୋମୁଣ୍ଡା ପେଟ୍ରୋଲ ପମ୍ପ ଛକରୁ ବଙ୍ଗୋମୁଣ୍ଡା, ଟେମରା, ଗୋଟୋମୁଣ୍ଡା ପଞ୍ଚାୟତ ସମେତ ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଛି ଏହି ରାସ୍ତା। ଫଳରେ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଗାଡି ମୋଟର ଚଳାଚଳ କରୁଛି। ଏହାଛଡା ଟେମରା ଠାରେ ଖରିଫ ମଣ୍ଡି ଆଉ କେତେ ଦିନ ପରେ ଆରମ୍ଭ ହେବ। ଏହି ରାସ୍ତା ଦେଇ ଚାଷୀମାନେ ମଣ୍ଡିକୁ ଧାନ ନେବେ। ଗର୍ତ୍ତ ଯୋଗୁ ସମସ୍ୟା ଉପୁଜିପାରେ। ଏହାଛଡା ବିଭିନ୍ନ ସମୟରେ ଛୋଟବଡ ଦୁର୍ଘଟଣା ଘଟୁଛି। ବଙ୍ଗୋମୁଣ୍ଡା ଗ୍ରାମର ଜଗବନ୍ଧୁ ପୁଝାରି, ଦେବରାଜ ଦଳପତି, ତୁଳସୀରାମ ପୁଝାରି, ଲାଲୁ ଖାନ, ଗଜିନ୍ଦ୍ର ନାଏକ, ମୁରଲୀଧର ପୁଝାରି, ହିରଣ୍ୟ ଗହୀର, କ୍ଷୀରସିନ୍ଧୁ ବୋଡକିଆ, ବିନୋଦ ନାଏକ, ଭଗବାନ ପୁଝାରି ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ମରାମତି ପ୍ରତି ଦୃଷ୍ଟି ଦିଆଯାଉନାହିଁ। ବିଭାଗୀୟ ସହକାରୀ ଯନ୍ତ୍ରୀ ଦିଲୀପ ବିଶୋଇଙ୍କୁ ବାରମ୍ବାର ମୋବାଇଲରେ ଯୋଗାଯୋଗ ଲାଗି ଉଦ୍ୟମ କରାଯାଇଥିଲେ ହେଁ ପ୍ରତିକ୍ରିୟା ମିଳି ପାରିନାହିଁ। ୨ ଫୁଟରୁ ଅଧିକ ଗଭୀର ହୋଇଥିବା ଏହି ଗର୍ତ୍ତ ଯଥାଶୀଘ୍ର ମରାମତି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମାଲପଡାରେ ସମ୍ବିଧାନ ଦିବସ ପାଳିତ

**ଲାଠୋର, ୨୭।୧୧(ଡି ଏନ ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୨ତମ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନ ସମିତି ସଭାପତି ତନ୍ତ୍ର ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବିଧାନର ପ୍ରସ୍ତାବନା ସହିତ ଶିକ୍ଷା କ୍ଷେତ୍ରରେ କିପରି ଆମ୍ବେଡକର ସଂଘର୍ଷ କରିଥିଲେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ଆମ୍ବେଡକରଙ୍କ ପଦାଙ୍କ ଅନୁସରଣ କରି ସମାଜକୁ ନୂତନ ଦିଗ ଦର୍ଶନ ଦେବା ସହ ବୈଜ୍ଞାନିକ ଚିନ୍ତାଧାରା ଆପଣାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ସେହିପରି ସ୍ଥାନୀୟ ଡାଇଜ ଯୁବ ଅନୁଷ୍ଠାନ ପକ୍ଷରୁ ସଭାପତି ଗୁପ୍ତେଶ୍ୱର ଧରୁଆଙ୍କ ଅଧକ୍ଷତାରେ ଗ୍ରାମ୍ୟ ପାଠାଗାରରେ ହୋଇଥିବା ସମ୍ବିଧାନ ଦିବସ ପାଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ନାଗରିକ ବିଷ୍ଣୁ ବାଗ, ମୂଳ ନିବାସୀ ମହିଳା ସଂଘର୍ଷ ସମିତି ରାଜ୍ୟ ସଂଯୋଜିକା ପୁଷ୍ପାଞ୍ଜଳି ଦଳପତି ଯୋଗଦେଇଥିଲେ। ସୌମ୍ୟବର୍ଦ୍ଧନ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁମନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ସମ୍ବର୍ଦ୍ଧିତ




ଶ୍ୟାମସୁନ୍ଦରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଗୋଲାମୁଣ୍ଡା,୨୭।୧୧(ଡି.ଏନ.ଏ.)**

ବିବେକ ସେନା ପକ୍ଷରୁ ଶନିବାର ନର୍ଲାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ସମ୍ବର୍ଦ୍ଧିତ ହୋଇଛନ୍ତି। ଅଗ୍ରୱାଲ ସମାଜ ସେବାକୁ ପେଶା ନୁହେଁ ନିଶା ଭାବରେ ଗ୍ରହଣ କରିଛନ୍ତି। ଗରିବ, ଅସହାୟ, ଦିବ୍ୟାଙ୍ଗମାନଙ୍କୁ ସର୍ବଦା ସାହାଯ୍ୟର ହାତ ବଢାଇଥାନ୍ତି। କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଗାଁ ଗାଁ ବୁଲି ସାନିଟାଇଜର, ମାସ୍କ ବଣ୍ଟନ କରିବା ସହ ଲୋକଙ୍କୁ ସଚେତନ କରୁଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଗ୍ରୱାଲଙ୍କୁ ବିବେକ ସେନା ତରଫରୁ ନର୍ଲାର ସ୍ପେସିଫିକ ଇଂଲିଶ ମିଡିୟମ ସ୍କୁଲ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି।

## ସିଣ୍ଢୋଲ କଲେଜର ୩ ଛାତ୍ର ଜିଣିଲେ ପଦକ

**ଉଲୁଣ୍ଡା,୨୭।୧୧(ଡି.ଏନ.ଏ.)**



କଲେଜ ଅଧକ୍ଷ ଓ କର୍ମଚାରୀଙ୍କ ଗହଣରେ ପଦକ ଜିତିଥିବା ୩ ଛାତ୍ର।

**ଇଣ୍ଟର କଲେଜ ଟାଏକୋଣ୍ଡୋ ପ୍ରତିଯୋଗିତା**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସିଣ୍ଢୋଲ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ୩ ଛାତ୍ର ଜିଣିଲେ ୩ ପଦକ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ହୋଇଥିବା ଏହି ପ୍ରତିଯୋଗିତାକୁ ଅଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ସିଣ୍ଢୋଲ ପକ୍ଷରୁ ଅୟୋଜିତ ହୋଇଥିଲା। ଶୁକ୍ରବାର ହୋଇଥିବା ଏହି ଟାଏକୋଣ୍ଡୋ ପ୍ରତିଯୋଗିତାରେ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ଛାତ୍ର ଶୁଭମ ପଟ୍ଟନାୟକ ପୁମସେରେ ସ୍ୱର୍ଣ୍ଣ ପଦକ ହାସଲ କରି ସର୍ବଭାରତୀୟ ସ୍ତରୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। ସେହିପରି ଟାଏକୋଣ୍ଡୋ କ୍ଷୁରୋଗୀ ପ୍ରତିଯୋଗିତାର ୫୪କେଜି ବର୍ଗରେ ଅରପିତ ମହାକୁଡ଼ ରୌପ୍ୟ ପଦକ ଓ ବିଶ୍ୱଜିତ ଡାଙ୍ଗ କାଂସ୍ୟ ପଦକ ହାସଲ କରିଛନ୍ତି। ରେଫରି ଭାବେ ଆନ୍ତର୍ଜାତିକ ଟାଏକୋଣ୍ଡୋ ଖେଳାଳି ତଥା ପ୍ରଶିକ୍ଷକ ଏହେସାସ ହୋତା, ବିଜୟ କୁମାର ଭୋଇ ଅଲ ଓଡିଶା କଲେଜ ପିଇଟି ଆସୋସିଏଶନ ସେକ୍ରେଟାରୀ ରାମ କୁମାର ସାହୁ, ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ ଡାଇରେକ୍ଟର ଅଭିନାଶ କର, ସେକ୍ରେଟାରୀ ଡ.ଦେବେନ୍ଦ୍ର ମହାଲିଙ୍ଗ ଉପସ୍ଥିତ ଥିଲେ।

## କଂଗ୍ରେସର ଜନ ଜାଗରଣ ପଦଯାତ୍ରା

**ଲୋଇସିଂହା,୨୭।୧୧(ଡି.ଏନ.ଏ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ନିଖିଳ ଭାରତ କଂଗ୍ରେସ ଆହ୍ୱାନକ୍ରମେ ଲୋଇସିଂହା ବ୍ଲକ ଯୋଗୀସର୍ଡାରେ ବ୍ଲକ କଂଗ୍ରେସ ପକ୍ଷରୁ ଜନ ଜାଗରଣ ଅଭିଯାନ ଓ ପଦଯାତ୍ର ଅନୁଷ୍ଠିତ ହୋଇଯାଇଛି। ସରୋଜ ବିଶ୍ୱାଳଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କେନ୍ଦ୍ର ସରକାର ଡିଜେଲ, ପେଟ୍ରୋଲ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ରୋକିବାରେ ବିଫଳ ହୋଇଛନ୍ତି। ତିନି କଳାକୃଷି ଆଇନ ଯୋଗୁ ୭ ଶହରୁ ଅଧିକ ଚାଷୀଙ୍କ ଜୀବନ ଯାଇଛି । ଓଡିଶାରେ ଦୀର୍ଘ ବର୍ଷ ଶାସନ କରି ନବୀନ ପଟ୍ଟନାୟକ ସରକାର ଓଡିଶାକୁ ରସାତଳଗାମୀ କରି ଦେଲେଣି । ରାଜ୍ୟରେ ନାରୀ ନିର୍ଯାତନା ଓ ହତ୍ୟାକାଣ୍ଡ ଦେଖିବାକୁ ମିଳୁଛି । ମମିତା ହତ୍ୟା ଘଟଣାରେ ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ପରେ ବି ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଯାଉନାହିଁ ବୋଲି କହିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଟଙ୍କଧର ଗଡତ୍ୟା, ଶାନ୍ତନୁ ସିଂ, ନବକିଶୋର ନାଏକ, ଘନଶ୍ୟାମ ମିଶ୍ର, ପୂର୍ବତନ ସରପଞ୍ଚ ବିଜୁଳି ପଧାନ, ମହିଳା ଜିଲା ସଭାନେତ୍ରୀ ମିଳନି ସାହୁ ପ୍ରମୁଖ ସମାବେଶରେ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ । ସଭାପୂର୍ବରୁ ବ୍ଲକ କଂଗ୍ରେସ ସଭାପତି ଅରବିନ୍ଦ ସାହୁଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଗୁର୍ଜିଭଟାରୁ ଯୋଗୀସର୍ଡା ବସ୍ତି ପର୍ଯ୍ୟନ୍ତ ଏକ ପଦଯାତ୍ରା କରି ଥିଲେ।

## ଇଚ୍ଛାମୃତ୍ୟୁ ପାଇଁ ଆବେଦନ କଲେ ଅନିଲ

**ଭବାନୀପାଟଣା,୨୭।୧୧(ସ୍ୱ.ପ୍ର.)**



ମା' ବାପାଙ୍କ ସହ ଅନିଲ ।

ଇଚ୍ଛାମୃତ୍ୟୁ ପାଇଁ ୩୦ ବର୍ଷୀୟ ଯୁବକଙ୍କ ରାଷ୍ଟ୍ରପତିଙ୍କଠାରେ ଆବେଦନ। ଏକ ସଡକ ଦୁର୍ଘଟଣାରେ ମେରୁଦଣ୍ଡରେ ଆଘାତ ପାଇ ଏବେ ସମ୍ପୂର୍ଣ୍ଣ ଅକର୍ମଣ୍ୟ। ସେ ହେଲେ ଅନିଲ ଶିଖା । ଘର କଳାହାଣ୍ଡି ଜିଲା ମାଦିଗୁଡା ପଞ୍ଚାୟତ ଟିକିଲି ଗାଁରେ ।

ଅନିଲଙ୍କ ସ୍ୱପ୍ନ ଥିଲା ଶିକ୍ଷକତା କରି ପରିବାର ପ୍ରତିପୋଷଣ କରିବା ସହ ଏକ ଶିକ୍ଷିତ ସମାଜ ସୃଷ୍ଟି କରିବା । ସେହି ଲକ୍ଷ୍ୟରେ ସେ ଆଗେଇ ଚାଲିଥିଲେ। ପ୍ରତିଦିନ କୋଚିଂ ପାଇଁ ବାହାରି ପଡୁଥିଲେ। କିନ୍ତୁ ୨୦୧୫ ଡିସେମ୍ବର ମାସରେ କୋଚିଂ ସାରି ଭବାନୀପାଟଣାରୁ ଫେରିବା ବେଳେ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ବିଭିନ୍ନ ମେଡିକାଲରେ ଚିକିତ୍ସିତ ହେବା ପରେ ବି ସ୍ୱାସ୍ଥ୍ୟରେ ସେଭଳି ଉନ୍ନତି ଆସି ନ ଥିଲା। ତାଙ୍କର ମେରୁଦଣ୍ଡ ଭାଙ୍ଗି ଯାଇଥିବାରୁ ବସିବା, ଉଠିବା ଓ ଚାଲିବା ସମ୍ଭବ ହୋଇ ପାରୁନାହିଁ। ୬ ବର୍ଷ ହେଲା ଶଯ୍ୟାଶାୟୀ ହୋଇ ଯନ୍ତ୍ରଣା ଦାୟକ ଜୀବନ ଜିଉଁଛନ୍ତି। ଯେଉଁ ବୟସରେ ସେ ମା' ବାପାଙ୍କ ଆଶାର ବାଡି ହେବା କଥା ସେହି ସମୟରେ ସେ ସେମାନଙ୍କ ପାଇଁ ବୋଝ ପାଲଟି ଯାଇଛନ୍ତି। ବାପା ଯଦୁବନ ଶିଖାଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନୁହେଁ। ମୂଲ ଲାଗିଲେ ଘର ଚଳେ । ବହୁ କଷ୍ଟରେ ଟଙ୍କା ଯୋଗାଡ କରି ପୁଅର ଚିକିତ୍ସା କରିଥିଲେ। ଆଶା ବାନ୍ଧିଥିଲେ ପୁଅ ଭଲ ହୋଇ ଚାଲିବ। ହେଲେ ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ନ ପାରି ଅନିଲଙ୍କ ସ୍ୱାସ୍ଥ୍ୟାବସ୍ଥା ଦିନକୁ ଦିନ ବିଗିଡିବାରେ ଲାଗିଛି। ଅଧିକ ଚିକିତ୍ସା ପାଇଁ ଟଙ୍କା ଯୋଗାଡ କରି ନ ପାରି ପୂରା ପରିବାର ଅସହାୟ ହୋଇ ପଡିଛନ୍ତି। ସରକାରୀ ଯୋଜନା ତାଙ୍କ ପାଇଁ ଅପହଞ୍ଚ ହୋଇଛି। ଭାଗ୍ୟକୁ ଆଦରି ଯନ୍ତ୍ରଣାରେ ଯୁବକ ଜଣକ ଛଟପଟ ଅବସ୍ଥାରେ ଦିନ କାଟୁଛନ୍ତି। ଜୀବନ ଯୁଦ୍ଧରେ ଲଢ଼ି ଅସହାୟ ଅନୁଭବ କରିବା ପରେ ଇଚ୍ଛାମୃତ୍ୟୁ ପାଇଁ ନିକଟରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଛନ୍ତି। ଦୀର୍ଘଦିନ ଧରି ଶଯ୍ୟାଶାୟୀ ହେବା ପରେ ଏପରି ନିଷ୍ପତ୍ତି ନେଇଥିବା ଅନିଲ ପ୍ରକାଶ କରିଛନ୍ତି।

**ଜୀବନ ଯାତନା**

## ଘରୋଇ ଔଷଧାଳୟରେ ସରକାରୀ ଔଷଧ ବିକ୍ରି

**ଟିଟିଲାଗଡ଼, ୨୭।୧୧ (ଡି.ଏନ.ଏ.)**

**ଅଭିଯୋଗର ତଦନ୍ତ କରିବ ପୋଲିସ:ଏସ୍‌ଡିଏମ୍‌ଓ**

ରାଜ୍ୟ ସରକାର ୨୦୧୫ରୁ ନିରାମୟ ଯୋଜନାରେ ସରକାରୀ ଡାକ୍ତରଖାନାରେ ମାଗଣାରେ ବହୁ ପ୍ରକାର ଜୀବନ ରକ୍ଷାକାରୀ ଔଷଧ ରୋଗୀଙ୍କ ପାଇଁ ଉପଲବ୍ଧ କରାଇଛନ୍ତି। ହେଲେ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନା ପରିସରରେ ଏକ ଘରୋଇ ଔଷଧ ଦୋକାନରେ ସରକାରୀ ଔଷଧ ବିକ୍ରୟ ହେଉଥିବା ଅଭିଯୋଗ ଆସିଛି। ଅଭିଯୋଗ ମୁତାବକ ଟିଟିଲାଗଡ ବ୍ଲକ ଅନ୍ତର୍ଗତ ବାନ୍ଧୁପଲା ପଞ୍ଚାୟତର ଦୁଖେଶ୍ୱର ସାହୁ ଗତ ୨୪ତାରିଖରେ ନିଜ ଘର ସଜାଡୁଥିବା ବେଳେ ଖସି ପଡି ଆହତ ହୋଇଥିଲେ। ତାଙ୍କୁ ଗ୍ରାମର ଧିରୋଜ ବିଶି ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ। ସେହି ସମୟରେ କାର୍ଯ୍ୟରେ ଥିବା କର୍ମଚାରୀ କ୍ଷତ ସ୍ଥାନରେ ଆବଶ୍ୟକ ଷ୍ଟିଚ ପାଇଁ ମୋଟ ସୂତା ବ୍ୟବହାର କରିବା ନେଇ ଧିରୋଜ ବିରୋଧ କରିଥିଲେ। ପରେ କର୍ମଚାରୀଙ୍କ କହିବା ଅନୁସାରେ ଡାକ୍ତରଖାନା ପରିସରସ୍ଥ ଘରୋଇ ଔଷଧ ଦୋକାନକୁ ଯାଇଥିବା ବେଳେ ତାଙ୍କୁ ଛୁଞ୍ଚି ଏବଂ ସୂତା ଦିଆଯାଇଥିଲା। ଏଥିପାଇଁ ଔଷଧ ଦୋକାନୀ ଧିରୋଜଙ୍କଠାରୁ ୭୩୦ ଟଙ୍କା ନେଇ ତାଙ୍କୁ ଏକ ବିଲ୍ ଦେଇଥିଲେ। ତେବେ ଏହି ଛୁଞ୍ଚି ଓ ସୂତା ସରକାରୀ ସପ୍ଲାଇ ବୋଲି ଲେଖାଥିବା ଅଭିଯୋଗ କରି ସେ ଡାକ୍ତରଖାନା ବର୍ହିବିଭାଗରେ ଥିବା ଡାକ୍ତରଙ୍କୁ ଜଣାଇଥିଲେ ବି ଏଥିପ୍ରତି କର୍ଣ୍ଣପାତ କରା ଯାଇ ନ ଥିବା ଧିରୋଜ ଅଭିଯେଗ କରିଛନ୍ତି। ଅପରପକ୍ଷରେ ଉକ୍ତ ଜିନିଷ ମୋ ଦୋକାନରୁ କିଣା ଯାଇ ନ ଥିବା ସମ୍ପୃକ୍ତ ଦୋକାନୀ କହିଛନ୍ତି। ଏନେଇ ଡାକ୍ତରଖାନା ଏବଂ ଔଷଧ ଦୋକାନର ସିସିଟିଭି ଫୁଟେଜ ଯାଞ୍ଚ କରିବାକୁ ଧିରୋଜ ଦାବି କରିଛନ୍ତି। ଏ ସମ୍ପର୍କରେ ଟିଟିଲାଗଡ ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ନାୟକଙ୍କୁ ଯୋଗାଯୋଗ କରିବାରୁ ପୋଲିସ ଏହାର ଅନୁସନ୍ଧାନ କରିବ ବୋଲି କହିଛନ୍ତି।